## ସୁକିନ୍ଦା ଅଞ୍ଚଳରେ ଖଣି ଲୁଟେରା ସକ୍ରିୟ

# ରାତିଅଧିଆ ଚାଲାଣ ହେଉଛି ଖଣିଜ ପଦାର୍ଥ

ଯାଜପୁର/ଦାନଗଦି, ୨୪।୨(ସମିସ)



ସୁକିନ୍ଦା କ୍ରୋମ୍ ଉପତ୍ୟକାରେ ଏବେ ଖଣିଜ ଲୁଟେରା ପୂରା ସକ୍ରିୟ ହୋଇଉଠିଛନ୍ତି। କେତେବେଳେ ବନ୍ଦପଡ଼ିଥିବା ଖଣିରୁ ଖଣିଜ ପଦାର୍ଥ ଲୁଟ୍ କରୁଛନ୍ତି ତ ପୁଣି କେତେବେଳେ ପୂର୍ବରୁ ପୋତି ରଖିଥିବା ଖଣିଜ ପଦାର୍ଥକୁ ରାତିଅଧିଆ ଚୋରାଚାଲାଣ କରି ମାଲେମାଲ୍ ହେଉଛନ୍ତି। ଗତ ୨୦ ତାରିଖ ସନ୍ଧ୍ୟାରେ ଖଣିଜ ପଦାର୍ଥ ବୋଝେଇ ହୋଇଯାଉଥିବା ଦୁଇଟି ୧୬ ଚକିଆ ହାଇୱାକୁ ଟମକା ଛକରେ ଅଟକ ରଖି ପୁଲିସର ଜିମା ଦେବା ପରେ ସମସ୍ତ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଗାଡ଼ି ଦୁଇଟି (ଓଡି୦୨ ବିପି-୨୧୨୨ ଓ ଓଡି-୩୪ ଏଲ୍-୭୯୦୭) ଅଟକ ରଖି ପୁଲିସ ଓ ଖଣି ବିଭାଗକୁ ଖବର ଦେଇଥିଲେ। ପରଦିନ ଖଣି ବିଭାଗର ଅଧିକାରୀ ଟମକା ଥାନାରେ ପହଞ୍ଚି ଗାଡିରେ ବୋଝେଇଥିବା ଖଣିଜ ପଦାର୍ଥର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିବା ଜଣାପଡ଼ିଛି। ତେବେ ଏହି ଗାଡ଼ିରେ ବୋଝେଇ ହେଇ ଆସିଥିବା ଖଣିଜ ପଦାର୍ଥ କେଉଁଠୁ ଆସିଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ସୁକିନ୍ଦାର ଜଣେ ପ୍ରତିଷ୍ଠିତ ପୂର୍ବତନ ଖଣି ଠିକାଦାରଙ୍କ ପରିତ୍ୟକ୍ତ କ୍ୟାମ୍ପରୁ ଏହା ଆସିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ କ୍ୟାମ୍ପରୁ ପୂର୍ବରୁ ଏକାଧିକ ଟ୍ରିପ୍ ଖଣିଜ ସମ୍ପଦ ଚୋରାଚାଲାଣ ହୋଇଥିବାର ଦେଖିବାକୁ ମିଳିଛି। ସଂଯୁକ୍ତ ଠିକାଦାର ଜଣଙ୍କ ପୂର୍ବରୁ ପାଖ ଖଣିରେ ଠିକାଦାରୀ କରୁଥିବା ସମୟରେ ସେତେବେଳେ ସେଠାରୁ ଉତ୍ତୋଳନ ହୋଇଥିବା ଖଣିଜପଦାର୍ଥ ଚୋରି କରି ଆଣି ବେଆଇନ୍ ଭାବେ ଉକ୍ତ କ୍ୟାମ୍ପରେ ପୋତି ରଖିଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଛି। ସେହି କ୍ୟାମ୍ପରେ ଏବେ ମଧ୍ୟ ୨ଶହରୁ ଅଧିକ ଟ୍ରିପ୍ ଖଣିଜ ପଦାର୍ଥ ପୋତା ହୋଇ ରହିଥିବା କୁହାଯାଉଛି। ଚୋରା ଖଣିଜପଦାର୍ଥ ପରିବହନ କରୁଥିବା ଟ୍ରକ୍ ମାଲିକ ବ୍ରାହ୍ମଣୀପାଳ ଅଞ୍ଚଳର ବୋଲି ଜଣାପଡ଼ିଛି। ସେହି ଗାଡ଼ି ମାଲିକ ଜଣକ ନିପାଣିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଭଡ଼ାସୂତ୍ରରେ ଗାଡି ଦେଇଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଗାଡ଼ି ମାଲିକଙ୍କ ଠାରୁ ଆରମ୍ଭ କରି ପରିବହନ କରୁଥିବା ଠିକାଦାର ଏବଂ ଚୋରା ଖଣିଜପଦାର୍ଥ ଖାଦାନ ମାଲିକଙ୍କ ମଧ୍ୟରେ ଏକ ଅସାଧୁ ମେଣ୍ଟ ରହିଛି। ଯାହାକି ଦୀର୍ଘଦିନ ଧରି ଏଭଳି ଚୋରା ଚାଲାଣ ଚାଲିଆସୁଛି। କିନ୍ତୁ ବାରମ୍ବାର ଏଭଳି ଚୋରା ଚାଲାଣ ହେଉଥିଲେ ମଧ୍ୟ ନା ଖଣି ବିଭାଗ ନାଁ ପୁଲିସ ପ୍ରଶାସନ ପକ୍ଷରୁ ଠିକଣା ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପୂର୍ବରୁ ଏହି ଟମକା ଅଞ୍ଚଳରୁ ବିରଳ ନୀଳପଥର ମଧ୍ୟ ଚୋରା ଚାଲାଣ ହେଉଥିବା ଏବଂ ଏଥିରେ ଆନ୍ତଃ ରାଜ୍ୟ ଲକେଟର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଏହି ଚୋରା ଖଣିଜପଦାର୍ଥ କେଉଁଠୁ ଆସିଲା ଓ ଆଉ ସେଠାରେ ଖଣିଜପଦାର୍ଥ ଅଛି କି ନାହିଁ ତାହାର ଠିକଣା ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡ଼ନ୍ତା ବୋଲି ମତ ପ୍ରକାଶ ପାଉଛି।

## ଗଣେଶ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



**ଯାଜପୁର, ୨୪।୨(ସମିସ):** ଯାଜପୁର ନଗରସ୍ଥିତ ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଆଜି ମାତୃ ସମ୍ମିଳନୀ ଓ ପଞ୍ଚମହାଭୂତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ବ୍ରହ୍ମା କୁଣ୍ଡରୁ ଯଜ୍ଞ କଳସ ସ୍ଥାପନ କରି ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ, ଦୁର୍ଗାଙ୍କୁ ଆବାହନ କରି ପୂଜା, ଜପ, ହୋମ ଆଦି ସମ୍ପନ୍ନ କରାଯାଇଥିଲା। ଏହା ପରେ ମାତୃ ସମ୍ମିଳନୀ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରଣ୍ୟ ଅତିଥି ରୂପେ ପଣ୍ଡିତ ଭୁପତି ଭୁଷଣ ମିଶ୍ର, ଅନ୍ୟତମ ଅତିଥି ରୂପେ ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିଲା ବେଳେ ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ବେଦମନ୍ତ୍ର ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟା ପ୍ରଭାତି ବେହୁରା ସ୍ୱାଗତ ଭାଷଣ, ତରଣୀ ରଶ୍ମି ଶେଖର ମହାରଣ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସଦସ୍ୟା ଭାଗ୍ୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଆଚାର୍ଯ୍ୟା ଗୀତାରାଣୀ ସାହୁ, ପ୍ରିୟଙ୍କା ଓଝା, ରାଶେଶ୍ୱରୀ ମହାନ୍ତି, ସୁନିତା ଗୋଚ୍ଛାୟତ, ଆଶାଲତା ପତି, ରିତିକା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଧର୍ମଶାଳା, ୨୪।୨(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ସ୍ଥିତ ଦନାମଠ ଖେଳ ପଡ଼ିଆରେ ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା କ୍ରିକେଟ୍ ତାରକା ବସନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀର ସଭାପତି ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବ୍ରଜକିଶୋର ମହାନ୍ତି, ସମାଜସେବୀ ଅଭିମନ୍ୟୁ ଧଳ, ମ୍ୟାଚ୍ ପରିଚାଳକ ଦୟାନିଧି ଦାଶ, ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଯୋଜନା ଦଳପତି ମନୋରଞ୍ଜନ ସେଠୀ ଯୋଗ ଦେଇଥିଲେ। ଉଦଘାଟନ ପୂର୍ବରୁ ମୁଖ୍ୟଅତିଥିଙ୍କୁ ମିର୍ଜାପୁର ମାଉଣ୍ଡ ନିକଟରୁ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ଖେଳ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଉଦଘାଟନ ଅବସରରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ନେତାଜୀ ସ୍ପୋର୍ଟିଂ କ୍ଲବ୍ କାଏମା ଏବଂ ଜିତୁ ଇଲେଭେନ୍, ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିତୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିବା ସହିତ ଦଳ ପକ୍ଷରୁ ପୁପୁନ୍ ସାମଲ ୨୬ ବଲରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ କାଏମା ଦଳ ୧୫ ଓଭରରେ ୭ ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଛତିଆ ଓ ଏସ୍‌ଜି କ୍ଲବ ଆଦମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ଅନ୍ୟ ପକ୍ଷରେ ଛତିଆ ଦଳ ୮ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର୍ ଭାବେ ତିଲକ୍ ଜେନା, ଲିପୁ ବରାଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ। ବିଶ୍ୱନାଥ ବିଶ୍ୱାଳ, ତାପସ ନାଏକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ନାଗାର୍ଜୁନ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ବିଶ୍ୱାଳ, ଗଣେଶ୍ୱର ସେଠୀ, ଗୁଗୁଲ୍ ସାହୁ ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୮ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

# ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା




**ଯାଜପୁର, ୨୪।୨(ସମିସ):** ଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କର ଜାନୁଆରୀ ମାସରେ ହୋଇଥିବା ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଜିଲ୍ଲାପାଳ ମୃତ ମା' ଏବଂ ଶିଶୁଙ୍କ ପରିବାର ସଦସ୍ୟଙ୍କ ସାଙ୍ଗରେ ମୃତ୍ୟୁର କାରଣ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସାଙ୍ଗରେ ଆସିଥିବା ଅଙ୍ଗନବାଡ଼ି ଓ ଆଶା ଦିଦିଙ୍କୁ ଭିଏଚଏନ୍‌ଡି କିପରି କାର୍ଯ୍ୟ କରୁଛି ତାହା ପଚାରି ବୁଝିଥିଲେ। ଏହାସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ମୁରଲୀ ପାଢ଼ୀ, ମାତୃ ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ମେଡିକାଲ କଲେଜର ଅଧକ୍ଷ ଏବଂ ଅନ୍ୟାନ୍ୟ ପ୍ରଫେସର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଥିବା ବ୍ୟବଧାନକୁ ଯଥାଶୀଘ୍ର ପୂରଣ କରିବା, ଏକ ଟିମ୍ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ରକ୍ତ ଭଣ୍ଡାରରେ ରକ୍ତ ଗଚ୍ଛିତ ରଖିବା ଏବଂ ଆୟୁଷ୍ମାନ ଶିବିରରେ ରକ୍ତଦାନ କ୍ୟାମ୍ପ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଗାମୀ ଗ୍ରୀଷ୍ମ ଋତୁର ମୁକାବିଲା କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସବୁ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସର୍ବଶେଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ପାଢ଼ୀ ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କ୍ରମାଗତ ଉନ୍ନତି ପାଇଁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗକୁ ସାଧୁବାଦ ଓ ଧନ୍ୟବାଦ ଦେଇଥିଲେ।

## ସିଲ୍ ହୋଇଥିବା କଲ୍ୟାଣ ମଣ୍ଡପ ଖୋଲିବା ଘଟଣା

# ୧୫ ଦିନ ମଧ୍ୟରେ ମାମଲା ରୁଜୁ ନିର୍ଦ୍ଦେଶ

**ଦଶରଥପୁର, ୨୪।୨(ସମିସ):** ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଲ୍ ହୋଇଥିବା କୁଆଁସ କଲ୍ୟାଣ ମଣ୍ଡପ ଖୋଲିଲା କିପରି ଏଥିନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ। ଅଭିଯୋଗ ପରେ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ୧୫ ଦିନ ମଧ୍ୟରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର। ସୂଚନାଅନୁଯାୟୀ ଡାହାଣହତା ପଞ୍ଚାୟତ କୁଆଁସ କଲ୍ୟାଣ ମଣ୍ଡପଟି ପ୍ରାୟ ୧୦ ବର୍ଷ ହେବ ନିର୍ମାଣ ହୋଇ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ବର୍ଷ ବ୍ୟକ୍ତିଗତ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ଜମି ମାଲିକ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏଣୁ ବ୍ଲକ ପକ୍ଷରୁ ଗତ ୧୭-୧୦-୨୦୨୫ ରେ ଚିଠି ନମ୍ବର ୫୧୭୫ ରେ ନିଲାମ ପକ୍ରିୟାକୁ ରଦ୍ଦ କରାଯାଇଥିଲା। ଏହାର ଗୋଟିଏ ଦିନ ପରେ ବିଡିଓ ଆକାଶ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅର୍ଥାତ ୧୮-୧୦-୨୦୨୫ ତାରିଖରେ ଚିଠି ସଂଖ୍ୟା ୫୧୦୩ରେ ଏବିଡିଓ ତ୍ରିଲୋଚନ ସେଠୀ କଲ୍ୟାଣ ମଣ୍ଡପରେ ସିଲ୍ କରି ଆସିଥିଲେ। ମାତ୍ର କିଛି ଦିନ ହେବ ପଞ୍ଚାୟତକୁ କୌଣସି ସୂଚନା ନଥାଇ ମଣ୍ଡପ ଖୋଲାଯାଇ ସଭା ଏବଂ ଭୋଜି ଭାତ କରାଯାଉଥିଲା। ଏବାବଦରେ ବିଡିଓଙ୍କୁ ପଚାରିବାରେ ଏହା କିପରି ଖୋଲାଗଲା ଜାଣିନଥିବା କହିବାରୁ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଶୁଣିବାପରେ ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କରାଇ ମଣ୍ଡପ ଖୋଲିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କର ବିଡିଓ ଦଶରଥପୁର ଏବଂ ଯାଜପୁର ଏସଡିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଚିଓ୍ୱାଳ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ଦଶରଥପୁର, ୨୪।୨(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଚିଓ୍ୱାଳ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଶିକ୍ଷାବିତ ପ୍ରଫେସର କୁମରବର ଦାସ ମୁଖ୍ୟଅତିଥି ଭାବେ ଉତ୍ସବର ଶୁଭାରମ୍ଭ କରିବା ସହିତ ଶୃଙ୍ଖଳା ଏବଂ କର୍ତ୍ତବ୍ୟବୋଧ ବିଦ୍ୟାର୍ଥୀଙ୍କ ପାଇଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଞ୍ଜିତ କୁମାର ସାହୁ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ ତାପସ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ମାମାଲି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ କ୍ରୀଡା, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଅଧ୍ୟାପକ ପତିତପାବନ ଦାସ ଓ ଲକ୍ଷ୍ମଣ ସାହୁ ଉତ୍ସବ ସଂଯୋଜନା କରିଥିଲେ। ଅଧ୍ୟାପକ ଗଣେଷ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସିଲ୍ ହୋଇଥିବା କଲ୍ୟାଣ ମଣ୍ଡପ ଖୋଲିବା ଘଟଣା

## ଛବିରାଣୀ ହେଲେ ବିଞ୍ଝାରପୁର ନୂଆ ବିଡିଓ

**ବିଞ୍ଝାରପୁର, ୨୪।୨(ସମିସ):** ବହୁ ଦିନର ବ୍ୟବଧାନ ପରେ ବିଞ୍ଝାରପୁର ବ୍ଲକକୁ ନୂଆ ବିଡ଼ିଓ ମିଳିଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା ଗୋପ ବ୍ଲକର ବିଡିଓ ଛବିରାଣୀ ସାହୁ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପତ୍ରାଙ୍କ ୫୯୨୨/୨୬ ଅନୁଯାୟୀ ବଦଳି ହୋଇ ବିଞ୍ଝାରପୁର ବ୍ଲକର ନୂତନ ବିଡିଓ ଭାବରେ ଯୋଗଦେବେ। ବିଞ୍ଝାରପୁର ବ୍ଲକରେ ବହୁଦିନ ଧରି ବିଡ଼ିଓ ପଦବୀ ଖାଲି ପଡ଼ିଥିବାରୁ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଞ୍ଝାରପୁର ବ୍ଲକଗ ନୂତନ ବିଡ଼ିଓ ଭାବରେ ଶ୍ରୀମତୀ ସାହୁ କାର୍ଯ୍ୟରେ ଯୋଗଦେଲେ ବ୍ଲକର ଉନ୍ନୟନ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ବିଞ୍ଝାରପୁରବାସୀ ଆଶା ରଖିଛନ୍ତି।

## ଭୂତଳ ଜଳ ପାଲଟିଛି ଜହର

# ପାନୀୟ ଜଳରେ ରହିଛି ମାରାତ୍ମକ ପଦାର୍ଥ

ଯାଜପୁର, ୨୪।୨(ସମିସ)

ସୁକିନ୍ଦା କାଳିଆପାଣି ଅଞ୍ଚଳକୁ କ୍ରୋମ୍ ଉପତ୍ୟକା ଭାବେ ମାନ୍ୟତା ମିଳିଛି। ଭାରତର ସର୍ବାଧିକ କ୍ରୋମାଇଟ୍ ଉତ୍ପାଦନ ପାଇଁ କାଳିଆପାଣି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ମିଳିଛି। କିନ୍ତୁ ଏହି ଅଞ୍ଚଳରୁ ବର୍ଷ ବର୍ଷ ଧରି କ୍ରୋମାଇଟ୍ ଖନନ ଏବଂ ଏଥିରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ସ୍ଥାନୀୟ ଅଞ୍ଚଳର ପାଣି ଠାରୁ ଆରମ୍ଭ କରି ପବନ ସବୁ କିଛି ବିଷାକ୍ତ ହୋଇପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅନେକ ଅସାଧ ରୋଗ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଅଭିଯୋଗର ପ୍ରମାଣ ଜାତୀୟ ଗ୍ରୀନ ଟ୍ରାଇବୁନାଲ ନିକଟରେ ଦାଖଲ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି।

ସୁକିନ୍ଦା ଅଞ୍ଚଳରେ କ୍ରୋମିୟମ ପ୍ରଦୂଷଣର ଅନୁସନ୍ଧାନ ପାଇଁ ନ୍ୟାସନାଲ୍ ଗ୍ରୀନ୍ ଟ୍ରାଇବୁନାଲଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଦ୍ୱାରା ଏହି ଅଧ୍ୟୟନ କରାଯାଇ ଗତ ବର୍ଷ ଜୁନ ମାସରେ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ ବହୁ ମାରାତ୍ମକ ତଥ୍ୟ ସାମ୍ନାକୁ ଆସିଛି। ଏହି ଅଧ୍ୟୟନ ପ୍ରାୟ ୧୮୦ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ କରାଯାଇଥିଲା। ଯେଉଁଠାରେ ଦେଶର ପ୍ରାୟ ୯୫ ପ୍ରତିଶତ କ୍ରୋମାଇଟ୍ ଗଚ୍ଛିତ ରହିଛି। ୨୦୨୪ ମସିହାରେ ହୋଇଥିବା ଅଧ୍ୟୟନରେ ମୋଟ ୨୩୩ଟି ଜଳ ନମୁନା ସଂଗ୍ରହ କରାଯାଇଥିଲା। ସେଥିମଧ୍ୟରୁ ୧୮୩ଟି ମୌସୁମୀ ପୂର୍ବରୁ ଏବଂ ୫୦ଟି ମୌସୁମୀ ପରବର୍ତ୍ତୀ ସମୟର ଥିଲା। ସେହି ଜଳରେ ପିଏଚ୍‌ର ମାତ୍ରା ଠିକ୍ ରହିଥିଲେ ହେଁ ମାରାତ୍ମକ ହେକ୍ସାଭାଲେଣ୍ଟ କ୍ରୋମିୟମର ସୀମା ଅଧିକ ରହିଛି। ସାଧାରଣତଃ ପାନୀୟ ଜଳରେ ୦.୦୫ ଏମ୍‌ଜି/ଏଲ୍ ରହିବା କଥା। କିନ୍ତୁ ପରୀକ୍ଷା କରାଯାଇଥିବା ନମୁନା ମଧ୍ୟରୁ ୩୯ଟି ସ୍ଥାନରେ ଏହି ସୀମା ଅଧିକ ଥିବା ଜଣାପଡ଼ିଛି। ଉପରିସ୍ଥ ଭୂତଳ ଜଳ କ୍ରୋମିୟମ ପ୍ରଦୂଷଣରୁ ମୁକ୍ତ ଥିବା ବେଳେ ଗଭୀର ନଳକୂପଗୁଡ଼ିକରେ ପ୍ରଦୂଷଣ ଦେଖାଦେଇଛି। କାଳିଆପାଣି କ୍ରୋମାଇଟ ଅଞ୍ଚଳ ଦେଇ ବହୁଥିବା ଡମଶାଳା ନାଳରେ ଅଧିକ ମାତ୍ରାର କ୍ରୋମିୟମ ଥିବା ଜଣାପଡ଼ିଥିଲା। କିନ୍ତୁ ବ୍ରାହ୍ମଣୀ ନଦୀର ଜଳରେ କ୍ରୋମିୟମର ମାତ୍ରା ନିର୍ଦ୍ଧାରିତ ସୀମାଠାରୁ କମ୍ ରହିଛି। ଗବେଷଣା ଅନୁଯାୟୀ ଅଗଭୀର ଜଳ ସ୍ତର (୩୦ ମିଟର ପର୍ଯ୍ୟନ୍ତ) ପ୍ରଦୂଷଣ ମୁକ୍ତ ଥିବାରୁ, ଏହାକୁ ପାନୀୟ ଜଳ ପାଇଁ ବ୍ୟବହାର କରାଯାଇପାରିବ ବୋଲି ମତ ଦିଆଯାଇଛି। କିନ୍ତୁ ପ୍ରଦୂଷିତ ନଳକୂପଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ମତାମତ ଦିଆଯାଇଛି। କିନ୍ତୁ ପାନୀୟ ଜଳ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ଲୋକେ ବାଧ ହୋଇ ସେହି ଦୂଷିତ ଜଳ ବ୍ୟବହାର କରୁଥିବା ଜଣାପଡ଼ିଛି। କାଳିଆପାଣି ଖଣି ଉପତ୍ୟକା ଅଞ୍ଚଳରେ ଏକାଧିକ ଖଣି କମ୍ପାନୀ ରହିଛନ୍ତି। କିନ୍ତୁ ସେମାନଙ୍କର ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି)ର ସଠିକ୍ ପରିଚାଳନା କରିବା ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଗତ ୨୦୨୪ ମସିହାରେ ଏନଜିଟିଙ୍କ ନିର୍ଦ୍ଦେଶରେ ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ସଦସ୍ୟ, ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଭୂତଳ ଜଳ ବୋର୍ଡ ସଦସ୍ୟଙ୍କୁ ନେଇ ଗଠିତ ୪ ଜଣିଆ କମିଟି ଜଳ ପ୍ରଦୂଷଣ ସମ୍ପର୍କରେ ସବିଶେଷ ରିପୋର୍ଟକୁ ୨୦୨୫ ମସିହା ଜୁନ ମାସରେ ଦାଖଲ କରାଯାଇଥିଲା।

**ଏନ୍‌ଜିଟି ନିକଟରେ ରିପୋର୍ଟ ଦାଖଲ ପରେ ସୁଧୁରୁନି ପରିସ୍ଥିତି**



# ଧର୍ମଶାଳା ଥାନାରେ ନୂତନ ଆଇଆଇସି



**ଧର୍ମଶାଳା, ୨୪।୨(ସମିସ):** ଧର୍ମଶାଳା ଥାନାରେ ନୂତନ ଆଇଆଇସି ଭାବେ ଆଜି ସନ୍ଧ୍ୟାରେ ଚିନ୍ମୟୀ କୁମାରୀ ସାହୁ ଯୋଗଦାନ କରିଛନ୍ତି। ନୂତନ ଭାବେ ଥାନାରେ ଯୋଗଦେଇଥିବା ଅଧିକାରିଣୀଙ୍କୁ ପୂର୍ବତନ ଆଇଆଇସି ରମାକାନ୍ତ ନାୟକ, ଅତିରିକ୍ତ ଆଇଆଇସି ସୁବ୍ରତ କୁମାର ସାହୁ ସମେତ ଥାନାର ଏସ୍‌ଆଇ, ଏଏସଆଇ ଓ କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଥିସହ ପୂର୍ବତନ ଥାନା ଅଧିକାରୀ ନୂତନ ଅଦକାରିଣୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶ୍ରୀମତୀ ସାହୁ ପୂର୍ବରୁ କୁଆଖିଆ ଥାନାରେ ଆଇଆଇସି ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଧର୍ମଶାଳା ଥାନାରେ ପ୍ରଥମ ଥର ଭାବେ ଜଣେ ମହିଳା ଅଧିକାରିଣୀ ଯୋଗଦେଇଥିବା ବେଳେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଅଞ୍ଚଳ ଭାବେ ବେଶ ଜଣାଶୁଣା। ସଦାସର୍ବଦା କିଛି ନା କିଛି ଘଟଣା ଏହି ଅଞ୍ଚଳରେ ଘଟୁଥିବା ବେଳେ ନୂତନ ଅଧିକାରିଣୀଙ୍କ ପାଇଁ ଏହା ଏକ ଚ୍ୟାଲେଞ୍ଜ ସଦୃଶ୍ୟ ହୋଇଛି।

ସକାଳ
THE SAKALA



**ଧାନ କିଣାରେ ବିଳମ୍ବ; ଜିଲ୍ଲା ବାହାର ମିଲର ନିଯୁକ୍ତି ଦାବି**

# ଲଘୁଚାପ ବର୍ଷା ଆଶଙ୍କାକୁ ନେଇ ଚାଷୀ ଛାନିଆ

ବାରିକପୁର,୨୪।୨(ସମିସ): ଦୁଇ ତିନି ଦିନ ହେଲା କୋହଲା ପାଗକୁ ଆକାଶରେ ମେଘ ମାଳ ଦେଖିବାକୁ ମିଳିଛି। ଲଘୁଚାପଜନିତ ବର୍ଷା ଆଶଙ୍କା ଥିବାରୁ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ମଙ୍ଗଳବାର ରାଜ୍ୟର କେତେକ ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଏପଟେ ପ୍ରାୟ ଦୁଇ ସପ୍ତାହ ହେବ ମଣ୍ଡିରୁ ଧାନ ସ୍ଥାନାନ୍ତରିତ ହେଉନାହିଁ। ପ୍ରାୟ ୪ମାସରୁ ଅଧିକ ହେବ ବର୍ଷା ହୋଇ ନ ଥିବାବେଳେ ଏବେ ମେଘ ଖଣ୍ଡକୁ ଦେଖି ମଣ୍ଡି ପରିଚାଳକ ଓ ଚାଷୀ ଭାଇମାନେ ଏକପ୍ରକାର ଅସ୍ତବ୍ୟସ୍ତ ହୋଇଛନ୍ତି। ପନିପରିବା ଓ ଅନ୍ୟାନ୍ୟ ଡାଲି ଜାତୀୟ ଚାଷ ପାଇଁ ଯଦିଓ ମେଘର ଆବଶ୍ୟକତା ରହିଛି କିନ୍ତୁ ଖରିଫ ଧାନ ବିକ୍ରି କରି ନ ଥିବା ଚାଷୀମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ଠିକ୍ ଏତିକି ବେଳକୁ ମଣ୍ଡିରୁ ଧାନ



ଯାଉ ନ ଥିବାରୁ କୃଷକମାନେ ନାନାଦି ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ପ୍ରାୟ ୧୬ଟି ମଣ୍ଡିରେ ଧାନ କ୍ରୟ ବ୍ୟବସ୍ଥା ଅତି ମନ୍ଥର ଗତିରେ ଚାଲିଛି। ପ୍ରାୟ ୨ମାସ ହେବ ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ମିଲର, ପ୍ରଶାସନ ଓ ନେତାଙ୍କ ମଧ୍ୟରେ ଭିତିରିଆ ବିବାଦ ଯୋଗୁଁ ଏଯାଏଁ ଶସ୍ୟ କିଣା ତ୍ୱରାନ୍ୱିତ ହେଉ ନ ଥିବା କୁହାଯାଉଛି। ହଜାର ହଜାର ଚାଷୀ ଟୋକନ ପାଇସାରିବା ପରେ ଏବେ ଧାନ ବିକିବାକୁ ଅପେକ୍ଷା କରିଛନ୍ତି। ଏବେ ସୁଦ୍ଧା କେଉଁଠି ଗାଁ ରାସ୍ତାରେ ଧାନ ବସ୍ତା ଗଦାହୋଇଛି ତ ପୁଣି କେଉଁଠି ମଣ୍ଡିରେ ମଧ୍ୟ ହଜାର ହଜାର ବସ୍ତା ପଡ଼ି ରହିଛି। ଗୋଟିଏ ଦୁଇଟି ମଣ୍ଡିକୁ ଛାଡ଼ିଦେଲେ ପ୍ରାୟ ମଣ୍ଡିରେ ଧାନ କ୍ରୟ ଧିମାରେ ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମିଲରମାନେ ଆରମ୍ଭରୁ ପର୍ଯ୍ୟାୟ କ୍ରମେ ମଣ୍ଡିକୁ ଗାଡ଼ି ଦେଉ ନ ଥିବା ଯୋଗୁଁ ଦିନ ଦିନ ଧରି ଧାନ ବସ୍ତା ପଡ଼ି ରହୁଛି। ଏବେ ଏକପ୍ରକାର ଶସ୍ୟ ସ୍ଥାନାନ୍ତରିତ ପ୍ରକ୍ରିୟା ବନ୍ଦ ରହିଛି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଅଭାବ ଓ ମିଲର ଅସହଯୋଗ କାରଣରୁ କ୍ରମାଗତ ଭାବେ ଧାନ କ୍ରୟ ହେଉନଥିବା ଅଭିଯୋଗ ହୋଇଛି। ବେଳେବେଳେ କେଉଁ ମଣ୍ଡିକୁ ଗୋଟିଏ ତ ପୁଣି କେଉଁ ମଣ୍ଡିକୁ ଦୁଇଟି ଗାଡ଼ି ଦେଇ ଧାନ ନେବା ପରେ ମିଲର ଧରାଛୁଆଁ ଦେଉନାହାନ୍ତି। ଏଥିପାଇଁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଯେଉଁଭଳି ଭାବେ ମେଘମାଳ ଦେଖାଯାଉଛି, ଯଦି ବର୍ଷା ହୁଏ ତାହେଲେ କଥା ସରିବ। ଧାନ କ୍ରୟ ଅବଧିକୁ ଗୋଟିଏ ମାସ ବାକି ରହିଥିବାବେଳେ ଏପର୍ଯ୍ୟନ୍ତ ୫୦ ଭାଗ ଶସ୍ୟ କିଣା ହୋଇନାହିଁ। ଏପରିସ୍ଥଳେ ତୁରନ୍ତ ଜିଲ୍ଲା ବାହାରର ମିଲର ନିଯୁକ୍ତି ପାଇଁ ଦୃଢ଼ ଦାବି ହୋଇଛି।

# ଧାନ ଗଜା ହେବା ସମ୍ଭାବନା; ଚିନ୍ତାରେ ଚାଷୀ

ବନ୍ତ/ଆଗରପଡ଼ା,୨୪।୨(ସମିସ): ମଙ୍ଗଳବାର ସକାଳୁ ଘଡ଼ଘଡ଼ି ସହ ଝିପିଝିପି ବର୍ଷା ହେବାରୁ ମଣ୍ଡିରେ ଥିବା ଧାନ ନଷ୍ଟ ହେବାର ଆଶଙ୍କାରେ ରହିଛନ୍ତି ଚାଷୀ। ଯଦି ଆଗାମୀ ଦିନରେ ପାଗ ଏହିପରି ରହେ ତେବେ ସେମାନଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହି ଗଜା ହେବା ସମ୍ଭାବନା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିପକାଇଛି। ତେଣୁ ପ୍ରକୃତି ଦାଉ ସାଧିବା ଆଗରୁ ସରକାର ଚାଷୀଙ୍କୁ



ଦୈବୀଦୁର୍ବିପାକରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବାକୁ ସେମାନେ ଆକୁଳ ନିବେଦନ କରିଛନ୍ତି। ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରପଡ଼ା ଶାଖା ଅଧୀନରେ ଥିବା ୩ଟି ସମବାୟ ସମିତିରେ ଧାନ କିଣା ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଦେଖାଦେଇଛି। ବିଶେଷ କରି ପୁରୁଷଣ୍ଡ, କାଦବରାଙ୍ଗ ଏବଂ ସରମରା ସମବାୟ ସମିତିରେ ଧାନ ଉଠାଣ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଦୀର୍ଘ ଦିନ ହେବ ସମିତିରେ ଅପେକ୍ଷା କରି ରହିଛନ୍ତି। ନିର୍ଦ୍ଧାରିତ ସମୟସୀମା ବିତିଯାଉଥିବାରୁ ସେମାନଙ୍କ 'ଟୋକନ୍' ଅବଧି ଶେଷ ହୋଇଯିବାର ଆଶଙ୍କା ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ସୋସାଇଟି ପରିସରରେ ବ୍ୟାପକ ପରିମାଣରେ ଧାନ ବସ୍ତା ଗଦା ହୋଇ ପଡ଼ିରହିଛି। ଏଭଳି ସ୍ଥିତି ପାଇଁ ପ୍ରକୃତରେ ଦାୟୀ କିଏ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସାଇଟି ପରିଚାଳନା କମିଟି ଓ ଚାଷୀ କମିଟିର ଖାମଖିଆଲି ମନୋଭାବ, ମିଲରଙ୍କ ମନମାନୀ ନା ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏହି ସମସ୍ୟା ଉପୁଜିଛି, ତାହା ତଦନ୍ତ ସାପେକ୍ଷ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

# ଖୋଲାରେ ପଡ଼ିଛି ୪ ହଜାର କ୍ୱିଣ୍ଟାଲ ଧାନ

ଦୋଳସାହି,୨୪।୨(ସମିସ): ତିହିଡ଼ି ବ୍ଲକ୍‌ରେ ଖରିଫ ଧାନ କିଣା କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା ସହ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ଅନ୍‌ଲାଇନ୍ କରିଥିବା ସମସ୍ତ ଧାନଚାଷୀଙ୍କୁ ଅଦ୍ୟାବଧି ଟୋକନ ନ ମିଳିବା ନେଇ ଧାନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟୋକନ ମିଳିଥିବା ଚାଷୀଙ୍କଠାରୁ ଆସନ୍ତା ୨୩ ତାରିଖ ମଧ୍ୟରେ ସଂଗ୍ରହ କରିବାକୁ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଟୋକନରୁ ବଞ୍ଚିତ ଧାନ ଚାଷୀଙ୍କଠାରୁ ସରକାରଙ୍କଠାରୁ ଟାର୍ଗେଟ ଆସିଲେ ବଞ୍ଚିତ ଧାନ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି। ବଞ୍ଚିତ ଧାନ ଚାଷୀଙ୍କଠାରୁ ଧାନ ସଂଗ୍ରହ ସରକାର କରିବେ କି ନାହିଁ କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଥିଲାବେଳେ ଟୋକନରୁ ବଞ୍ଚିତ ଧାନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ବ୍ଲକ୍ ଅଧୀନ ପାଳିଆବିନ୍ଧା ସେବା ସମବାୟ ସମିତି ଓ ଆରସା ସେବା ସମିତିରେ ଧାନ ଗୋଦାମ ଗୃହ ନ ଥିବାବେଳେ ଧାନ ସଂଗ୍ରହ କରିଥିବା ଦୁଇ ସେବା ସମବାୟ ସମିତିର ଧାନ ଖୋଲା ଆକାଶ ତଳେ ରହିଥିବାବେଳେ ମିଲର ଧାନ ଉଠାଉ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବର୍ଷାରେ ଧାନ କ୍ଷତି ଘଟିଲେ କିଏ ଦାୟୀ ହେବ ପ୍ରଶ୍ନ କରୁଛନ୍ତି ଚାଷୀ। ଏହି ଦୁଇ ସେବା ସମବାୟ ସମିତିରେ ୪୦୦୦ କ୍ୱିଣ୍ଟାଲ ଧାନ ଗଚ୍ଛିତ ଖୋଲା ଆକାଶ ତଳେ ରହିଥିବା ଯୋଗୁଁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ଦପାନାୟକାଣୀଙ୍କ ପୀଠରେ ଚଣ୍ଡୀ ପୂଜା

ବାରିକପୁର,୨୪।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀଙ୍କ ପୀଠରେ ଚଣ୍ଡୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ତ୍ରିଲୋଚନ ପଣ୍ଡା ବୈଦିକ ମନ୍ତ୍ର ଆବାହନରେ ସୂର୍ଯ୍ୟପୂଜା ଓ ଗୋ-ପୂଜା ସହିତ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସହଯୋଗୀ ପୂଜକ ଭାବେ ଭଜହରୀ ପଣ୍ଡା ଓ ନୃସିଂହ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସଂକଳ୍ପ କର୍ତ୍ତା ଭାବେ ବାଇଧର ମହାନ୍ତି ଓ ସୁଲୋଚନା ମହାନ୍ତି ପୂଜା ସମ୍ପନ୍ନ କରିଥିଲେ।



# ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ବାରିକପୁର,୨୪।୨(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବି ହୋଇଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ତାଳପଦାଠାରୁ କଟିଂ ଭାୟା ମଣିବାଜି ଯାଏଁ ପ୍ରାୟ ୪ ବର୍ଷ ହେବ ରାସ୍ତା ନିର୍ମାଣ କାର୍ଯ୍ୟ



ଚାଲିଛି। କାମ ଆରମ୍ଭରୁ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ନିର୍ମାଣ କାର୍ଯ୍ୟ ଆଗେଇ ପାରି ନ ଥିଲା। ସେ ଯାହାବି ହେଉ ଚଳିତ ବର୍ଷ କାମଟି ସମ୍ପୂର୍ଣ୍ଣ ହେବା ସ୍ପଷ୍ଟ ହୋଇଛି। ଏହାରି ଭିତରେ କଟିଂଠାରୁ ଉତରାଗଡ଼ିଆ ଗ୍ରାମ୍ୟ ଜଙ୍ଗଲ ଯାଏଁ ଶୀଘ୍ର ପିଚୁ କାମ ସାରିବାକୁ ଦାବି ହୋଇଛି। ଦୀର୍ଘ ଦିନ ହେବ ମେଣ୍ଟାଲ ଉଠିଯାଇଥିବା କାରଣରୁ ଲୋକମାନେ ସାଇକଲ ଓ ମୋଟର ସାଇକଲ ଯୋଗେ ଯାତାୟାତ ପାଇଁ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟିକିଏ ଅସାବଧାନତା ହେଲେ ଜନସାଧାରଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ଛାତ୍ରଛାତ୍ରୀମାନେ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଏପରିକି ଚାଲିଚାଲି ଯିବାକୁ ସ୍ଥାନୀୟ ଲୋକମାନେ କୁଣ୍ଠାବୋଧ କରୁଛନ୍ତି। ତେଣୁ ବାକି ଥିବା ପ୍ରାୟ ୧ କି.ମି. ରାସ୍ତାର ତୁରନ୍ତ ପିଚୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ କଟିଂ, କୁରିଗାଁ, ବୋଧପଡ଼ା, ଉତରାଗଡ଼ିଆ ପ୍ରମୁଖ ଗ୍ରାମର ଲୋକମାନେ ଦାବି କରିଛନ୍ତି।

# ନରହରିପୁର ବ୍ରିଜ୍ କାର୍ଯ୍ୟକୁ ନେଇ ଗଣ୍ଡଗୋଳ, ୬ ଆହତ

ଅସୁରାଳି,୨୪।୨(ସମିସ): ଧୂଷୁରୀ ଥାନା ଅଧୀନ ଭଟସାହି ପଞ୍ଚାୟତର ନରହରିପୁର ଗାଁ ନିକଟରେ ବ୍ରିଜ୍ କାର୍ଯ୍ୟ ଚାଲୁଥିବାବେଳେ ନଦୀଗାଁର ୪/୫ ଯୁବକ କାର୍ଯ୍ୟକୁ ବିରୋଧ କରିବା ସହିତ ଚାନ୍ଦା ମାଗିଥିଲେ। ଏହାକୁ ନେଇ ନରହରିପୁର ଗ୍ରାମବାସୀମାନେ ବିରୋଧ କରିବାରୁ ଯୁବକମାନେ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ଏହାର ପରିଣାମରେ ଉଭୟ ପକ୍ଷରେ ଗଣ୍ଡଗୋଳ ହୋଇ ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି।



୬ ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବା ସହ ୩ ଜଣଙ୍କୁ ଥାନାକୁ ଉଠାଇ ଆଣିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ, କୌଣସି ପକ୍ଷରୁ ଏତଲା ଦିଆଯାଇନାହିଁ। ଏ ପରିସ୍ଥିତିରେ ଥାନା ଅଧିକାରୀ ସୁଦର୍ଶନ ବାଗେ ଘଟଣାରେ ତୀକ୍ଷ୍ଣ ଦୃଷ୍ଟି ରଖି, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଆଗାମୀ ଦିନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନିକ ପ୍ରସ୍ତୁତି ହେଉଛନ୍ତି। ବିକାଶ କାର୍ଯ୍ୟକୁ ନେଇ ଗ୍ରାମୀଣ ଅଞ୍ଚଳରେ ଉପୁନ୍ନ ଗଣ୍ଡଗୋଳ, ସାମାଜିକ ସମନ୍ୱୟର ଅଭାବକୁ ପ୍ରକାଶ କରୁଛି। ପୁଲିସ ଓ ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ଏ ପରିସ୍ଥିତିକୁ ଶାନ୍ତ କରିବା ଆବଶ୍ୟକ।

**● ପ୍ରଧାନମନ୍ତ୍ରୀ ଆବାସ ସାତସପନ**

# ଜରିପାଲ ତଳେ ସୁଶାନ୍ତଙ୍କ ପରିବାର

ବନ୍ତ/ଆଗରପଡ଼ା,୨୪।୨(ସମିସ): ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ବାସହରା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପକ୍କାଗୃହ ଯୋଗାଣ କରାଯିବାର ବିଧିବଦ୍ଧ ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତ ଅଳାଉତି ଡିହସାହି ଗ୍ରାମର ସୁଶାନ୍ତ ଖୁଣ୍ଟିଆଙ୍କ ପରିବାର ପାଇଁ ଏହା ଅପହଞ୍ଚ ପାଲଟିଛି। ସୁଶାନ୍ତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ଘର ଖଣ୍ଡିଏ ପାଇବା ପାଇଁ ବ୍ଲକ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ବି ତାଙ୍କ ଦୁଃଖ ସରିବା ନାଁ ଧରୁନି। ଘର ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ ମଧ୍ୟ ତାଙ୍କ ଭାଗ୍ୟରେ ଘରଟିଏ ନାହିଁ। ଯଦ୍ୱାରା ପରିବାରର ୪ ପ୍ରାଣୀ ଏବେ ଜରିପାଲ ତଳେ।



୨୦୨୩ ଡିସେମ୍ବର ମାସରେ ଅଗ୍ନିକାଣ୍ଡ ଯୋଗୁଁ ନିଜର ରୋଜଗାର ପନ୍ଥା କରି ଚଳୁଥିବା ଧାନହଲର, ଧାନ ପିଟା ମେସିନ୍, ଗୋରୁଗାଈ, ଛେଳି ସମେତ ଘରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ସରକାରଙ୍କ ତରଫରୁ ତଦନ୍ତ କରି ଘର ଖଣ୍ଡିଏ ପାଇବା ପାଇଁ ସୁଶାନ୍ତଙ୍କୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବିଭାଗ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ବିଫଳ ହୋଇଛି। ଯଦ୍ୱାରା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ପରିବାରରେ ସୁଶାନ୍ତ, ତାଙ୍କ ସ୍ତ୍ରୀ ସମେତ ନିଜର ୬ ବର୍ଷର ଝିଅ ଓ ୨ ବର୍ଷର ପୁଅକୁ ଖରା ଓ ବର୍ଷାକୁ ଖାତିର୍ ନ କରି ବର୍ଷ ବର୍ଷ ଧରି ଜରିପାଲ ତଳେ ବସବାସ କରୁଛନ୍ତି। ବର୍ଷା ଦିନରେ ତାଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଥାଏ। ଅସରାଏ ବର୍ଷାରେ ଜରିପାଲ ଭିତରେ ପାଣି ପଶିଯାଇଥାଏ। ଏହିଭଳି ଦୁଃଖ ଦୁର୍ଦ୍ଦିନର ଜୀବନ ଅତିବାହିତ କରୁଥିବା ସୁଶାନ୍ତଙ୍କ ପରିବାର ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଗୃହ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ସମେତ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ହାତ ଯୋଡ଼ି ଗୁହାରି କରାଯାଇଛି।

# ବାସି ଖାଦ୍ୟ ନଷ୍ଟ; ୯ ହଜାର ଟଙ୍କା ଜରିମାନା

ଭଦ୍ରକ,୨୪।୨(ସମିସ): ଭଦ୍ରକ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଖାଦ୍ୟ ସୁରକ୍ଷା ବିଭାଗର ପକ୍ଷରୁ ମଙ୍ଗଳବାର ସହରରେ କେତେକ ହୋଟେଲରେ ମିଳିତ ଚଢ଼ଉ



କରାଯାଇଥିଲା। ଏହି ମିଳିତ ଚଢ଼ଉରେ ବହୁ ପରିମାଣରେ ବାସିଖାଦ୍ୟକୁ ଏହି ଟିମ୍ ପକ୍ଷରୁ ନଷ୍ଟ କରାଯାଇଥିଲା। ଏହି ଟିମ୍‌ରେ ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶିବନାରାୟଣ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୂଦତ୍ତ ଦାସ, ସାନିଟେସନ ଅଫିସର ମନୋରଞ୍ଜନ ରାଉତ, ବସନ୍ତ ବେହେରା ଓ ସନ୍ତୋଷ ଦାସ ପ୍ରମୁଖ ସାମିଲ ଥିଲେ। ସହରର ବନ୍ତ ଛକ, ଚରମ୍ପା, ଅପକର୍ତ୍ତିବିନ୍ଧା ଛକ ଓ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ୧୦ରୁ ଅଧିକ ହୋଟେଲରେ ଏହି ଚଢ଼ଉ କରାଯାଇ ୯ ହଜାର ଟଙ୍କାର ଜରିମାନା ଆଦାୟ ହୋଇଥିବା ପୌରପାଳିକା ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ରୀ ମହାପାତ୍ରଙ୍କ ସୂତ୍ରରୁ ଜଣାଯାଇଛି।

# ରାସ୍ତାକଡ଼ରେ ରାସନ ଚାଉଳ ବଣ୍ଟନ ନେଇ ଅସନ୍ତୋଷ

ଦୋଳସାହି,୨୪।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ରାସନ ଚାଉଳ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ କଲ୍ୟାଣ ମଣ୍ଡପ ଗୃହ ଭିତରେ ଧାନ ଚାଷୀଙ୍କ ଧାନ ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ରାସ୍ତାକଡ଼ରେ ଥିବା ଦୋକାନ ଘରେ



ଏହି ରାସନ ଚାଉଳ ଗଚ୍ଛିତ ରଖି ଡିଲର ଚାଉଳ ପ୍ରଦାନ କରୁଥିବା ନେଇ ରାସ୍ତା ଅବରୋଧ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ରାସନ ଚାଉଳ ପ୍ରତି ଗ୍ରାମରେ ବଣ୍ଟନ କରିବା ପାଇଁ ହିତାଧିକାରୀଙ୍କ ମଧ୍ୟରେ ଦାବି ହେଉଛି।

**■ ୧୬ନଂ ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା ମରଣଯନ୍ତା**

# ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ପ୍ରଶସ୍ତୀକରଣ କାର୍ଯ୍ୟ

ଧାମନଗର,୨୪।୨(ସମିସ): ଧାମନଗର ଛକ ୧୬ ଜାତୀୟ ରାଜପଥଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ବେପରୁଆ ନୀତି ଯୋଗୁଁ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ପ୍ରଶସ୍ତୀକରଣ। ଏଥି ପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ଖାଲଖମାରେ ପରିଣତ ହେବା ସହ ରାସ୍ତା ମରଣଯନ୍ତା ପାଲଟିଥିଲା। ୪ମାସ ତଳେ ପ୍ରଶସ୍ତୀକରଣ ଆଳରେ ହଜାର ହଜାର ଗଛ କଟା ହେଲା। ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲାନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫ୍‌ରେ ପ୍ରସିଦ୍ଧ ଉର୍ସ ପର୍ବ ଥିଲା। ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଅପରିଣାମଦର୍ଶୀ ବୈଷୟିକ ଜ୍ଞାନ ପାଇଁ ଖାଲଖମାରେ ଡଷ୍ଟ ପକାଯାଇ ପାଣି ସିଞ୍ଚନ କରାଗଲା। ବାତ୍ୟା 'ମେନ୍ଥା'ର ପ୍ରଭାବରେ ଲଗାତାର ୩ ଦିନ ବର୍ଷା ଓ ଉର୍ସ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତା'ର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖିଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ ଏହି ରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ



ହେଲା। ପିଚୁଠାରୁ ରାସ୍ତାର ପ୍ରାୟ ୮ ଫୁଟ୍ ପ୍ରଶସ୍ତୀକରଣ ଆଳରେ ମାଟିତଡ଼ା ହେଉଛି। ରାସ୍ତାକଡ଼ ଗାଡ଼ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଥିମଧ୍ୟରେ ଥିବା ଶହଶହ ଗଛର ମୂଳ ଗଣ୍ଡି ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାତି ସମୟରେ ଅସାବଧାନତା ବଶତଃ ଯଦି ଗାଡ଼ିଟିଏ ରାସ୍ତାକଡ଼କୁ ଚାଲିଯାଏ, ସେତେବେଳେ ଏହି ଗଛ ମୂଳ ଗଣ୍ଡିଟି ଧନ ଜୀବନ ହାନୀ ପାଇଁ ଅଧିକ ବିପଦ ସାଜିବ। ରାସ୍ତାକଡ଼ ତଡ଼ାଯାଇଥିଲେ ମଧ୍ୟ ତା' କଡ଼ରେ ଆରୋହୀଙ୍କ ପାଇଁ ବିପଦ ସୂଚନା ଫିତା ବନ୍ଧା ଯାଇନାହିଁ। ଏହା ଠିକାଦାରଙ୍କ ଅପରିଣାମଦର୍ଶିତା ଅବା ବେପରୁଆ ଭାବକୁ ସୂଚିତ କରୁଛି। ଭଦ୍ରକ ଜିଲ୍ଲାପାଳ, ରାଜ୍ୟ ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖୋଳାଯାଉଥିବା ଗାଡ଼ରୁ ଗଛ ମୂଳ ତାଡ଼ିବା ସହ ରାସ୍ତାକୁ ପୋତିବା, ନଚେତ୍ ରାସ୍ତାକଡ଼ରେ ବିପଦ ସୂଚନା ଫିତା ବାନ୍ଧିବା ସହ ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଗାଡ଼ି ଚଳାଚଳ କରୁଥିବା ବ୍ୟକ୍ତି ଓ ଜନସାଧାରଣ ଦାବି କରିଛନ୍ତି। ଯାହାଫଳରେ ଦୁର୍ଘଟଣା ରୋକି ହୋଇପାରିବ ବୋଲି ମତପ୍ରକାଶ ପାଉଛି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ସରକାରୀ ନିୟମକୁ ଫୁଁ'

ବନ୍ତ/ଆଗରପଡ଼ା,୨୪।୨(ସମିସ): ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହିସବୁ ଯୋଜନାର ସଫଳ ରୂପାୟଣକୁ ନେଇ

**● ମନମାନୀରେ ଚାଲିଛି ସ୍ୱାସ୍ଥ୍ୟସେବା; ରୋଗୀ ସେବା ବ୍ୟାଘାତ**

**● ଜିଲ୍ଲାପାଳଙ୍କଠାରେ ଅଭିଯୋଗ ଆଣିଲେ ଅଞ୍ଚଳବାସୀ**



ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ବସନ୍ତିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରାକାରୀ ନିୟମକୁ ପାଳନ କରାଯାଉ ନ ଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଗରପଡ଼ା ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ନିୟମାନୁଯାୟୀ, ପ୍ରତିଦିନ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା କଥା। କିନ୍ତୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଟି ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ବସନ୍ତିଆ ବଜାର ନିକଟରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ଦିନ ଏହା ଉପରେ ଶହଶହ ରୋଗୀ ନିର୍ଭରଶୀଳ ହୋଇଥା'ନ୍ତି। ମାତ୍ର ଏପରିସ୍ଥଳେ ସିଏଚ୍‌ଓଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେବା ସହ ଚିକିତ୍ସା ନ ପାଇ ଫେରୁଥିବା ଜଣାପଡ଼ିଛି। ତତ୍‌ସହିତ କେନ୍ଦ୍ରରେ ଆବଶ୍ୟକୀୟ ଔଷଧ ରୋଗୀଙ୍କୁ ପ୍ରଦାନ କରାଯାଉ ନ ଥିବାବେଳେ କାର୍ଯ୍ୟରତ ସିଏଚ୍‌ଓଙ୍କ ରୋଗୀଙ୍କ ପ୍ରତି ବ୍ୟବହାର ମଧ୍ୟ ଠିକ୍ ରହୁ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ଧରି ବିବାଦ ମଧ୍ୟରେ ଛନ୍ଦି ହୋଇଥିବା ଏହି ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବାକୁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିତ୍ତରଞ୍ଜନ ପଣ୍ଡା, ସତ୍ୟବ୍ରତ ପଣ୍ଡା, ପ୍ରଶାନ୍ତ ମୈକାପ, ବାଇଧର ସାହୁ, କ୍ଷୀରୋଦ ରାଉଳ, ଶରତ ପଣ୍ଡା, ଭରତ ପଣ୍ଡା, ବୈଶାଖ ପଣ୍ଡା, ଚକ୍ରଧର ସାହୁ, ରାଜେଶ ସାହୁ, ମିନତୀ ଯେନା, ନାତାଜୀ ଯେନାଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଓ ରୋଗୀ ପ୍ରମୁଖ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଉକ୍ତ ଅଭିଯୋଗ ଉପରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ଯୋଗାଯୋଗ କରିବାରୁ କୌଣସି ଅଭିଯୋଗ ତାଙ୍କ ହସ୍ତଗତ ହୋଇ ନ ଥିବା କହିବା ସହ ଅଭିଯୋଗ ପାଇଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନିଆଯିବାର ସୂଚନା ପ୍ରଦାନ କରିଥିଲେ।

● ୨ କୋଟିରୁ ଅଧିକ ଠକେଇ

## ୫ ସାଇବର ଠକ ଗିରଫ



ଭଦ୍ରକ,୨୪।୨(ସମିସ): ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ୍ କରିଛି ଭଦ୍ରକ ଟାଉନ ପୁଲିସ। ଦୁଇଟି ପୃଥକ୍ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନେକ ଫ୍ରଡ୍ ଆକାଉଣ୍ଟକୁ ସିଜ୍ କରିଛି ପୁଲିସ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଜଣେ ଗ୍ରହକଙ୍କ ଆକାଉଣ୍ଟକୁ ପ୍ରାୟ ଦେଢ଼ କୋଟି ଟଙ୍କା ଆସିବା ଘଟଣାକୁ ସନ୍ଦେହ କରି ବ୍ୟାଙ୍କ ପରିଚାଳକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ବିଭିନ୍ନ ସାଇବର ଠକେଇ ଅର୍ଥ ଏହି ଆକାଉଣ୍ଟକୁ ଆସିଥିବା ଜାଣିବାକୁ ପାଇବା ସହିତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଔପଦା ଅଞ୍ଚଳର ଜବନ୍ଧୁ କେସି। ସେହିପରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଅନ୍ୟ ଏକ ମାମଲାରେ ପୁଲିସ ଅନ୍ୟ ୪ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା। ଗିରଫ ୪ଜଣଙ୍କ ମଧ୍ୟରୁ ୨ ଜଣ ଭଦ୍ରକ ଜିଲ୍ଲାର ଓ ୨ ଜଣ ବାଲେଶ୍ୱର ଜିଲ୍ଲାର ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ ୫ଟି ମୋବାଇଲ୍ ଫୋନ୍, ୫ଟି ଏଟିଏମ୍ କାର୍ଡ ଓ ଆଧାର କାର୍ଡ ଆଦିକୁ ଜବତ କରିଥିବା ଜଣାଯାଇଛି।

## ସରପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସହିଦନଗର,୨୪।୨(ସମିସ): ଧାମନଗର ବ୍ଲକ୍ ସରପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆନନ୍ଦ ଓ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖପରପଦା ସରପଞ୍ଚ ଅନୁସୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ପଞ୍ଚାୟତ ସିଆର୍‌ସିସି ନୃସିଂହଚରଣ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡୁ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ସାହୁ ଓ ଶାନ୍ତିଲତା ସାହୁ, ବର୍ତ୍ତମାନର ଶିକ୍ଷକ ଅକ୍ଷୟ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ସାହୁ ସହ ଅନ୍ୟାନ୍ୟ ଅଭିଭାବକ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାହିତ୍ୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସଭାକୁ ମନୋମୁଗ୍ଧ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଥିଲା।

## ସରିଲାଣି ଶୀତ ଋତୁ; ମିଳିଲାନି ଭତ୍ତା ସହାୟତା ରାଶି



ଧାମନଗର,୨୪।୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସାରା ରାଜ୍ୟରେ ପ୍ରତି ବର୍ଷ ଶୀତ ଋତୁରେ ବିଧବା, ଭିନ୍ନକ୍ଷମଙ୍କ ସମେତ ବିଭିନ୍ନ ବର୍ଗର ଭତ୍ତା ହିତାଧିକାରୀଙ୍କୁ ଶୀତ ବସ୍ତ୍ର କିଣିବା ଲାଗି ସାମାଜିକ ସୁରକ୍ଷା ଯୋଜନାରେ ଅତିରିକ୍ତ ୪୦୦ ଟଙ୍କା ମିଳୁଥିଲା। ଶୀତ ଦିନେ ଗରିବଙ୍କ ପାଇଁ ଏହି ରାଶି ବଡ଼ ସାହାରା ମିଳୁଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଚଳିତ ବର୍ଷ ଶୀତ ଋତୁ ସରିବାକୁ ବସିଲାଣି, ତଥାପି ଏଯାଏଁ ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଭତ୍ତା ହିତାଧିକାରୀ ଶୀତ ବସ୍ତ୍ର ପାଇଁ ଅତିରିକ୍ତ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଧାମନଗର ବିଡିଓ ବନବିହାରୀ ଦିହ୍ନା ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ପୂର୍ବ ବର୍ଷମାନଙ୍କରେ ଭତ୍ତା ହିତାଧିକାରୀଙ୍କୁ ଶୀତ ବସ୍ତ୍ର ଲାଗି ଅତିରିକ୍ତ ରାଶି ମିଳୁଥିଲା। ଚଳିତ ବର୍ଷ ପାଇଁ ଏହି ସହାୟତା ରାଶି ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟରେ ଡବଲ୍ ଇଞ୍ଜିନ୍‌ର ଲୋକଙ୍କ ସରକାର ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଚିତ୍କାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ହେଲେ ଗାଁ ଗଣ୍ଡା, ସହର ଓ ଦୋକାନ ବଜାରରେ ଜୋର୍ ଧରିଲାଣି। ଏ ହେଉଛି ଲୋକମରା, ରଙ୍ଗ ବଦଳା, ନିଜ ସ୍ୱାର୍ଥର ସରକାର କିନ୍ତୁ ନବୀନ ସରକାର ଲୋକଙ୍କ ପାଇଁ ଠିକ୍ ଥିଲା ବୋଲି ଆଲୋଚନା ହେଉଛି।

### ଖଣି ବିଭାଗ ଓ ବାଲି ମାଫିଆଙ୍କ ମଧ୍ୟରେ ସଲାସୁତରା

# ଦୁର୍ବଳ ହେଉଛି ବନ୍ଧ; ବଦଳୁଛି ନଦୀର ଗତିପଥ

ଅସୁରାଳି,୨୪।୨(ସମିସ)



ଧାମନଗର ତହସିଲ୍ ଅଞ୍ଚଳରେ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲିଘାଟ ଖୋଲାଯାଇ ପ୍ରତିଦିନ ଶହଶହ ଟ୍ରକ୍, ଟ୍ରାକ୍ଟର ଓ ହାଇୱାରେ ଅହରହ ବାଲି ଚାଲାଣ ହେଉଛି। ବାଲି ମାଫିଆ ପ୍ରଶାସନର କିଛି ଦୁର୍ନୀତିଖୋର୍ କର୍ମଚାରୀଙ୍କୁ ମୋଟା ଅଙ୍କର ଉତ୍କୋଚ ଦେଇ ଏଭଳି ଚୋରା ବାଲି ବେପାର କରି ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ଏହା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟୁଥିବା ଅଭିଯୋଗ ହେଉଛି। ନଦୀ ଗର୍ଭରୁ ବାଲି ଉଠାଣ ହେବା ଦ୍ୱାରା ନଦୀର ଗତିପଥ ବଦଳୁଛି। ସେହିପରି ନଦୀରୁ ବାଲି ଉଠାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ନଦୀବନ୍ଧ କଟାଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରିଯାନ ନଦୀବନ୍ଧ ଓ ରାସ୍ତାରେ ଚାଲିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି। ବାଲି ଚାଲାଣବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କାଯାଉ ନ ଥିବାରୁ ବାଲି ଉଡ଼ି ପଥଚାରୀଙ୍କ ଆଖିରେ ପଡୁଛି। ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ରାସ୍ତାରେ ଗହଳି ହୋଇ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେଆଇନ ଭାବେ ବାଲି ଉଠାଣ ଯୋଗୁଁ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଲୋକେ ତହସିଲ୍, ଏସ୍‌ଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବଢୁଛି। ବାଲିପାଟଣା, ବାସୁଦେବ ପୀଠ, ଅର୍ଜୁନପୁର, ହସନାବାଦ, ଅସ୍ତକ, ମମାଦୁଲା, ପଙ୍ଗଗ ଘାଟ, ସଇଲା ଘାଟରେ ଅନବରତ ବାଲି ଖୋଳି ନଦୀବନ୍ଧ ଦୁର୍ବଳ କରିବା ଯୋଗୁଁ ଯାତାୟାତରେ ବାଧା ଉପୁଜୁଛି। ପୁଣି ନଦୀବନ୍ଧ ଦୁର୍ବଳ ହେବା ଯୋଗୁଁ ନଦୀର ଗତିପଥ ବଦଳାଇ ଗାଁ ଆଡ଼କୁ ମୁହାଁଇଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ। ଦିନରେ ଶହଶହ ଗାଡ଼ିରେ ସେହି ବାଲି ବାହାରକୁ ବୁହାଯାଉଛି। ମାତ୍ର ଏସବୁ ଦେଖି ବି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଲେ ଖୁବ୍‌ଶୀଘ୍ର ଅନୁଧ୍ୟାନ କରି ଯେଉଁ ଯେଉଁ ଜାଗାରେ ବାଲି ଉଠୁଛି, ଖୁବ୍‌ଶୀଘ୍ର ମେସିନ୍ ଦ୍ୱାରା ଉକ୍ତ ରାସ୍ତାକୁ ଖୋଳି ବନ୍ଦ କରାଯିବ।

## ତିହିଡ଼ି ବରିଷ୍ଠ ନାଗରିକ ମୁଖପତ୍ର 'ବର୍ଷୀୟାନ' ଶ୍ରେଷ୍ଠ ପତ୍ରିକା ଭାବେ ମନୋନୀତ

ତିହିଡ଼ି,୨୪।୨(ସମିସ): ଅଖିଳ ଭାରତୀୟ ବରିଷ୍ଠ ନାଗରିକ ମହସଂଘ ଆନୁକୂଲ୍ୟରେ ୨ଦିନବ୍ୟାପୀ ୨୦ଟି ରାଜ୍ୟର ବରିଷ୍ଠ ନାଗରିକଙ୍କୁ ନେଇ ଆଇସ୍କନ ସଭାପତି କ୍ରିଷ୍ଣା ରାଇନାଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଓଡ଼ିଶା ରାଜ୍ୟ ସଙ୍ଗୀତ ''ବନ୍ଦେ ଉତ୍କଳ ଜନନୀ' ଗାନ କରାଗଲା। ଓଡ଼ିଶା ରାଜ୍ୟ ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ଦାସଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ପଦ୍ମଚରଣ ନାୟକ, ରାଜନେତା ଡ. ସମ୍ବିତ୍ ପାତ୍ର, ପଞ୍ଜାବର ନାରୀନେତ୍ରୀ ମାଥିଉ ଚେରିଆନ, ସମ୍ମାନିତ ଅତିଥି ପଞ୍ଜାବରୁ ଭଗବତ କାଉର୍, କେରଳରୁ ହନିଫା ରାଓଦିରଡର, ନେପାଳ ରାଜପରିବାର ପ୍ରମୁଖ ବହୁ ବରିଷ୍ଠ ଉଚ୍ଚ ପଦାଧିକାରୀ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତିହିଡ଼ି ବରିଷ୍ଠ ନାଗରିକ ସଂଘ ପତ୍ରିକା ''ବର୍ଷୀୟାନ' ଓଡ଼ିଶାର ୩୦ ଜିଲ୍ଲାରୁ ପ୍ରକାଶିତ ପତ୍ରିକା ମଧ୍ୟରୁ ଶ୍ରେଷ୍ଠ ପତ୍ରିକା ଭାବେ ଚୟନ କରାଗଲା ଓ ଅର୍ଥ ରାଶି ସହ ପୁରସ୍କୃତ କରାଗଲା। ରାଜ୍ୟ ମହାସଂଘ ସମ୍ପାଦକ ରାଜକିଶୋର ସାମନ୍ତରାୟ, ଭଦ୍ରକ ଜିଲ୍ଲା ମହସଂଘ ସମ୍ପାଦକ କୈଳାଶ ମହାପାତ୍ର, ତିହିଡ଼ି ବ୍ଲକ୍ ସମ୍ପାଦକ ବିଭୂତିଭୂଷଣ ସେନାପତିଙ୍କ ସମ୍ପାଦକୀୟ



ପାଠକୀୟ ଆଦୃତି ଲାଭ କରିଥିଲା। ପତ୍ରିକାରେ ଥିବା ବରିଷ୍ଠ ନାଗରିକଙ୍କ ଉପଦେଶ ଆଇନ ଓ କର୍ତ୍ତବ୍ୟ ଚୟନକାରୀଙ୍କୁ ବିମୁଗ୍ଧ କରିଥିଲା। ଏହି ଅବସରରେ ତିହିଡ଼ି ବ୍ଲକ୍ କୋ-ଅଡିନେଟର ସୁରେନ୍ଦ୍ର କୁମାର ନାୟକ, ସଭାପତି ସୋମନାଥ ପାଢ଼ୀ, ଉପସଭାପତି ମହେଶ ଦାସ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ବିଶ୍ୱାଳ, ଜୋନ୍ ସଭାପତି ନିତ୍ୟାନନ୍ଦ ମଲ୍ଲିକ, ହୃଷୀକେଶ ପଣ୍ଡା, ମଥୁରାମୋହନ ବେହେରା, ଉତ୍ତର ପ୍ରଦେଶ ସଂଘ ଜିଲ୍ଲା ସଭାପତି ବ୍ରଜେସ୍ ଉପାଧ୍ୟାୟ, କର୍ଣ୍ଣାଟକ ରାଜ୍ୟ ସଭାପତି ଦିନେଶ ଭଟ୍ଟ, ବମ୍ବେରୁ ଭି.ଏସ୍ ଡାଙ୍ଗେ, ହାଇଦରାବାଦରୁ ମୋହନା ଭାଲା, କର୍ଣ୍ଣାଟକରୁ ପଦ୍ମାକିନି, ଆନ୍ଧ୍ରରୁ ପି. ନାଗେଶ୍ୱର ରାଓ, ଗୋଆରୁ ଉମେଶ ଏଗୁନକର ପ୍ରଭୃତି ବହୁ ବରିଷ୍ଠ ବିଦ୍ୱାନ 'ବର୍ଷୀୟାନ' ପତ୍ରିକାର ଦୀର୍ଘ ଜୀବନ କାମନା କରିଥିଲେ। ଆଗାମୀ ଦିନରେ ଇଂରାଜୀ ଅନୁବାଦ କରି ପ୍ରତ୍ୟେକ ରାଜ୍ୟ ମହାସଂଘକୁ ପଠାଇବା ପାଇଁ ମତ ପ୍ରକାଶ ପାଇଥିଲା। ମଧ୍ୟପ୍ରଦେଶରୁ ମେଘଚନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ କାନ୍ତକବିଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୪।୨(ସମିସ): ଚରମ୍ପା ଅସଙ୍ଗଳର ସମସ୍ତ ବରିଷ୍ଠଙ୍କ ଉପସ୍ଥିତିରେ ସ୍ଥାନୀୟ ଏରେଇଁ କଲ୍ୟାଣ ମଣ୍ଡପରେ ସଂଘର ସଭାପତି ଗଗନବିହାରୀ ରାଉତଙ୍କ ପୌରୋହିତ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଆଲୋଚନାରେ ସମସ୍ତ ବରିଷ୍ଠଙ୍କ ଉଦ୍ଦେଶ୍ୟରେ ପ୍ରକାଶ କଲେ କି କାନ୍ତକବି ରଚନା କରିଥିବା କାଳଜୟୀ କବିତା 'ବନ୍ଦେ ଉତ୍କଳ ଜନନୀ' ଆଜି ରାଜ୍ୟ ସରକାରଙ୍କ ରାଜ୍ୟସ୍ତରୀୟ ସଂଗୀତର ମାନ୍ୟତା ପ୍ରଦାନ କରିଥିବାରୁ ସମସ୍ତ ଶିକ୍ଷନୁଷ୍ଠାନରୁ ଆରମ୍ଭ କରି ସଭାସମିତିରେ ସଭା ଆରମ୍ଭରେ ଉକ୍ତ ସଂଗୀତ ଗାନ କରାଯାଉଛି। ଆଜି ମଧ୍ୟ ରାଜ୍ୟ ସରକାର ପୂଜ୍ୟପୂଜାକୁ ସମ୍ମାନ ପୂର୍ବକ କବିଙ୍କ ଜନ୍ମପୀଠ ତାଳପଦା ଓ ଭଦ୍ରକ ବାଇପାସ୍‌ସ୍ଥିତ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ସକାଳ ସମୟରେ ପୁଷ୍ପମାଲ୍ୟ ପ୍ରଦାନ କରାଯଇଥିଲା। ଚରମ୍ପା ସଂଘ ତରଫରୁ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ନିକଟରେ ବୃକ୍ଷରୋପଣ କରାଯାଇଥିଲା। ରାଜ୍ୟ ସରକାର ଭଦ୍ରକର ଦୀର୍ଘଦିନରୁ ହୋଇ ଆସୁଥିବା ମୁଖ୍ୟ ଦାବିଦ୍ୱୟ ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପ୍ରତିନିଧିତ୍ୱ କରୁଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ତଥା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ମାର୍ଚ୍ଚ ମାସ ଉକ୍ତ ପ୍ରକଳ୍ପ ୨ଟିର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଅନୁରୋଧ କରାଯାଇଥିଲା। କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, ଉପଦେଷ୍ଟା ଶଶିକାନ୍ତ ପାଢ଼ୀ, ଅଜୟ ପାଢ଼ୀ, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମହାଳିକ, ବାବୁଲାଲ୍ ଦାସ, ଉପସଭାପତି ନରସିଂହ ମିଶ୍ର, ରତ୍ନାକର ମଲ୍ଲିକ, କାର୍ଯ୍ୟକାରୀ ସଦସ୍ୟ ପିତାମ୍ବର ରାଉତ, ଜଗବନ୍ଧୁ ମହାନ୍ତି, ବିଜୟ ସେନାପତି, ଅଭିମନ୍ୟୁ ବେହେରା, ରତ୍ନାକର ହାତୀ, ଗୋପୀନାଥ ନାୟକ, ଦୟାନିଧି ପୁହାଣଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ସେମାନଙ୍କ ମତ ରଖିଥିଲେ।



ଗତ ୨୦ ତାରିଖରେ ଜିଲ୍ଲା ପ୍ରଶାସନ ତରଫରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସରେ ଚରମ୍ପା ସଂଘର ବରିଷ୍ଠ ସଦସ୍ୟ ବରଦାପ୍ରସନ୍ନ ପଣ୍ଡା, କାଳନ୍ଦୀ ଚରଣ ପାତ୍ର, ପ୍ରଭାକର ଦାସ, ଅଞ୍ଜଳିକା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଶେଷରେ ଅମରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତି



ଭଦ୍ରକ,୨୪।୨(ସମିସ): ଭଦ୍ରକ ବ୍ଲକ୍‌ର ଓଲଙ୍ଗସ୍ଥିତ ଗୋପିବଲ୍ଲଭପୁର ଶାସନର ଭକ୍ତିମୟ ପରିବେଶରେ ଶ୍ରୀଜଗନ୍ନାଥ ନୂତନ ମନ୍ଦିର ଓ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଭକ୍ତମାନଙ୍କ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଓ ହରିବୋଲ ଧ୍ୱନୀ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦୀରେ ଅଧିଷ୍ଠିତ ହୋଇଛନ୍ତି। ଭକ୍ତମାନଙ୍କର ମହାପ୍ରଭୁଙ୍କ ପ୍ରତି ଅନାବିଳ ଭକ୍ତି ଓ ନିଷ୍ଠାପର ଉଦ୍ୟମ ନୂତନ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେଇଛି। ଶୁକ୍ରବାର ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ଅଙ୍କୁରାରୋପଣ ହୋଇଥିଲା। ଶନିବାର ବିରାଟ କଳସ ଶୋଭାଯାତ୍ରା ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ ହୋଇ ବିରଞ୍ଚି ନାରାୟଣ ପୀଠ, ଶ୍ରୀରାମ ମନ୍ଦିର ସୀତାକୁଣ୍ଡ କାଉପୁର ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ମହାଧ୍ୱଜା ପୂଜନ, ମଣ୍ଡପ ଅଧିବାସ, ବିଗ୍ରହ ଅଧିବାସ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ବେଦପାଠ, ଶ୍ରୀବିଗ୍ରହଙ୍କ ନଗର ପରିକ୍ରମା, ପାର୍ଶ୍ୱ ବିଗ୍ରହ ସହିତ ବାହନ ସ୍ଥାପନ ଓ ଅପରାହ୍ନରେ ପହଣ୍ଡି ବିଜେ ଏବଂ ଅଭିଷେକ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଅନ୍ତିମ ଦିବସରେ ବେଦପାଠ ଓ ମଙ୍ଗଳ ଆଳତି, ଚଳନ୍ତି ବିଗ୍ରହଙ୍କ ଉପଚାର ପୂଜା, ଅଗ୍ନି ଅଭିଷେକ ଓ ପ୍ରସାଦ ଉତ୍ସର୍ଗ ପରେ ଶହଶହ ଭକ୍ତଙ୍କ ଗହଣରେ ହୋମଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ପଣ୍ଡିତ ଡ. ସତ୍ୟପ୍ରକାଶ ପଣ୍ଡାଙ୍କ ସହିତ ପଣ୍ଡିତମାନଙ୍କ ବେଦମନ୍ତ୍ରରେ ଗୋପିବଲ୍ଲଭପୁର ଶାସନ ଗ୍ରାମ ଆଧାମ୍ଭିକ ପରିବେଶ ସୃଷ୍ଟି ହୋଇଥିଲା। ହଜାର ହଜାର ଭକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ ପରେ ଆନନ୍ଦ ବଜାରରେ ପ୍ରସାଦସେବନ କରିଥିଲେ।

## ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବନ୍ତ/ଆଗରପଡ଼ା,୨୪।୨(ସମିସ): ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ସୋମବାରଠାରୁ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଥାନପତି ଗ୍ରାମ୍ୟ ପୁଷ୍କରିଣୀରୁ ମହିଳା ଓ ପୁରୁଷ ୧୦୮ କଳସ ଘଟୋତ୍ତୋଳନ କରି ବାଜା ବାଣ ରୋଷଣୀରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ କାଶୀନାଥ ପାଣିଗ୍ରାହୀ, ଜୟଦେବ ନନ୍ଦ, ସତ୍ୟଶିବ ପାଣିଗ୍ରାହୀ, ପ୍ରକାଶ ସେନାପତି, ପ୍ରଫୁଲ୍ଲ ଶତପଥି, ଦିବାକର ପଣ୍ଡା ପ୍ରମୁଖ ୧୦୮ କଳସ ଘଟ ଉତ୍ତୋଳନ ପରେ ସୂର୍ଯ୍ୟପୂଜା, ଗୋ ପୂଜା, ଷୋଡ଼ଶ ଉପଚାର ପୂଜା, ସୁନ୍ଦରାକାଣ୍ଡ, ଗୀତାଯଜ୍ଞ, ମନ୍ଦିର ପ୍ରବେଶ, ବିଗ୍ରହ ପ୍ରତିଷ୍ଠା ପୂଜା, ନାନାଦି ମଣ୍ଡଳ ପୂଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କର୍ତ୍ତା କାର୍ଯ୍ୟ ବିଜୟ ପ୍ରଧାନ, ମନ୍ଦାକିନୀ ପ୍ରଧାନ ତୁଲାଇଥିଲେ। ଅଭିମନ୍ୟୁ ପ୍ରଧାନ, ଜାନକୀ ପ୍ରଧାନ, ନାରାୟଣ ଚନ୍ଦ୍ର ମହଲା, ମିନୁ ମହଲା, ହରିହର ଜେନା, ମମତା ଜେନା, ସଞ୍ଜୟ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ଖୁଣ୍ଟିଆ, ଭୀମସେନ ପ୍ରଧାନ, ସନ୍ତୋଷ ପ୍ରଧାନ, ଶଶିକାନ୍ତ ରାଉତ, ନବକିଶୋର ଘଡ଼ାଇ, ଭାଗ୍ୟଧର ଖୁଣ୍ଟିଆ, ନରହରି ଖୁଣ୍ଟିଆ, ସଞ୍ଜୟ ସାହୁ, ଭାସ୍କର ସାହୁ, କୃଷ୍ଣଚନ୍ଦ୍ର ସାମଲ, ବୀରେନ ସାମଲ, କେଦାର ଶଙ୍ଖୁଆ, ସାନୁ ନାୟକ ସମେତ ଗ୍ରାମବାସୀ ଏହି ୪ଦିବସୀୟ କାର୍ଯ୍ୟକ୍ରମରେ ସହଯୋଗ କରୁଥିବାବେଳେ ଗୁରୁବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସୂଚନା ମିଳିଛି।

### ସଂସଦୀୟ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରୁଛି ବିଜେପି

# ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ପ୍ରତିବାଦରେ କଂଗ୍ରେସର ଏତଲା

ଭଦ୍ରକ,୨୪।୨(ସମିସ): ଏପ୍‌ଷ୍ଟିନ ପ୍ରକରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସମ୍ପୃକ୍ତି ଦୃଷ୍ଟିରୁ ସେମାନଙ୍କ ଇସ୍ତଫା, ସେମାନଙ୍କ ବିରୋଧରେ ତଦନ୍ତ, ମନ୍ତ୍ରୀ ଶ୍ରୀ ପୁରୀଙ୍କୁ ଗିରଫ କରିବା ଓ ଅପଶବ୍ଦ ପ୍ରୟୋଗ ପାଇଁ ମନ୍ତ୍ରୀ କିରଣ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଥିଲେ ଯେ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସର ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀ ଦେଶର ଗୌରବ ବୃଦ୍ଧି ପାଇଁ ସଦାସର୍ବଦା ଚେଷ୍ଟିତ ଥିବାବେଳେ ଅସହିଷ୍ଣୁ ଶାସକ ଦଳ ବିଜେପି ପକ୍ଷରୁ ବାରମ୍ବାର ତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରାଯାଉଛି। ଭାରତୀୟ ସଂସଦୀୟ ଶାସନ ବ୍ୟବସ୍ଥାର ସମସ୍ତ ବିଧିବ୍ୟବସ୍ଥା ଓ ଶାଳୀନତାର ସ୍ପଷ୍ଟ ଉଲ୍ଲଂଘନ କରି ଖୋଦ୍ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପରମ ଦେଶଭକ୍ତ ରାହୁଲ୍‌ଜୀଙ୍କୁ ଦେଶର



ସୁରକ୍ଷା ପ୍ରତି ବିପଦ ଆଖ୍ୟା ଦେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ।

ବିବାଦୀୟ ଏପ୍‌ଷ୍ଟିନ ଫାଇଲ୍‌ରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାମ ଉଲ୍ଲେଖ ହେବା ଓ ପ୍ରଘଟ ହେବା ପର ମୁହୂର୍ତ୍ତରେ ହିଁ, ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବା କଥା। ଏପରିକି ସେ ବିବାଦୀୟ ଏପ୍‌ଷ୍ଟିନଙ୍କୁ ଏକାଧିକଥର ସାକ୍ଷାତ୍ କରିଥିବା ସ୍ୱୀକାର କରିବା ପରେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦୂରର କଥା ତାଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ କୁହାଯାଇ ନାହିଁ। ଏପ୍‌ଷ୍ଟିନ ପରି ଅତ୍ୟନ୍ତ ଘୃଣ୍ୟ ପ୍ରକରଣରେ ଶ୍ରୀ ପୁରୀଙ୍କ ସମ୍ପୃକ୍ତି ପାଇଁ ତାଙ୍କୁ ମନ୍ତ୍ରୀ ପରିଷଦରୁ ତୁରନ୍ତ ବରଖାସ୍ତ କରାଯିବାକୁ ସେ ଦାବି କରିଥିଲେ। ଏହି ଏପ୍‌ଷ୍ଟିନ ଫାଇଲ୍‌ରେ ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ନାମ ମଧ୍ୟ ଆସୁଥିବାର ସଂକେତ ମିଳୁଥିବାରୁ 'ସିଜର୍ସ ୱାଇଫ୍ ମଷ୍ଟ ବି ଏବୋଭ ସସ୍‌ପିସିଅନ' ନ୍ୟାୟରେ ପ୍ରଧାନମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇଦେବା ଉଚିତ୍। ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ପି ମନୋଜ କୁମାର ରାଉତଙ୍କୁ ୩ ଦଫା ସମ୍ବଳିତ ଏତଲା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ବରିଷ୍ଠ ନେତା ଦିଗମ୍ବର ଦାସ, ଅବଦୁଲ ମୋକିଦ ଖାନ୍, ପିତବାସ ଧଳ, ଜିଲ୍ଲା ଉପସଭାପତି ଦେବବ୍ରତ ମହାନ୍ତି, ସତ୍ୟବାନ ଦାସ, ପ୍ରଦ୍ୟୁମ୍ନ ଦାସ, ଜ୍ୟୋସ୍ନାରାଣୀ ପତି, ରଜନୀକାନ୍ତ ଚାନ୍ଦ, ବାସୁଦେବପୁର ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ଚାନ୍ଦବାଲି ବ୍ଲକ୍ ସଭାପତି ସୁଭାଶିଷ ମଲ୍ଲିକ, ଭଣ୍ଡାରିପୋଖରୀ ବ୍ଲକ୍ ସଭାପତି ଅଜୟ କୁମାର ସାହୁ, ଧାମନଗର ଏନ୍‌ଏସି ସଭାପତି ପ୍ରମୋଦ ସ୍ୱାଇଁ, ଗୋଲକ ଚନ୍ଦ୍ର ବେହେରା, ପ୍ରସନ୍ନ ଧଳ, ନିରଞ୍ଜନ ପଲେଇ, ବୈଲୋଚନ ପଣ୍ଡା, ଶର୍ମିଷ୍ଠା ପଣ୍ଡା, ଧରିତ୍ରୀ ଜେନା, ପବିତ୍ର ପୃଷ୍ଟି, ବିଜୟ ବାରିକ, ପ୍ରଭାତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣ୍ୟତିଥିରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

## 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା

ଭଦ୍ରକ,୨୪।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ସାହିତ୍ୟର ମହାନ କବି ଓ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଅମର ରଚୟିତା, ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଉପଲକ୍ଷେ ମଙ୍ଗଳବାର ଭଦ୍ରକ ସାଳନ୍ଦୀ ବାଇପାସ୍ ଛକରେ ସ୍ଥାପିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସଂସ୍କୃତି ବିଭାଗ ଅଧିକାରୀ ତନୁଜା ସିର୍କା, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ତ୍ୟାଗଭୂମି ମୁଖ୍ୟ ଅଜୟ କୁମାର ନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ଶତପଥୀ, ବରିଷ୍ଠ ନାଗରିକ ସଂଘର ମୁକ୍ତିକାନ୍ତ ମହାପାତ୍ର, ଆଦିକନ୍ଦ ନାୟକ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ଗଦାଧର ବଳ, ବରିଷ୍ଠ ସାମ୍ବାଦିକ ଅଶୋକ ନାୟକ, ଆଇନଜୀବୀ ବିକାଶ ନାଥ, ଯୁବନେତା ସ୍ୱାଧୀନ ନାୟକ ପ୍ରମୁଖ ବିଭିନ୍ନ ସାହିତ୍ୟପ୍ରେମୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହି କାନ୍ତକବିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ ଯେ କାନ୍ତକବିଙ୍କ ଅମର ରଚନା 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା, ଏକତା ଓ ଦେଶପ୍ରେମର ପ୍ରତୀକ। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ିଙ୍କୁ ଦେଶ ଓ ରାଜ୍ୟ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଗାମୀ



ଯୁବପିଢ଼ିମାନଙ୍କୁ କାନ୍ତକବିଙ୍କ ଜୀବନୀ ଓ ଆଦର୍ଶରୁ ପ୍ରେରିତ ହୋଇ ଦେଶର ନାମ ରକ୍ଷା କରିବା ପାଇଁ ବଦ୍ଧପରିକର ରହିବା ପାଇଁ ଜିଲ୍ଲାପାଳ କହିଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ କାନ୍ତକବିଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ, ସାହିତ୍ୟ ସାଧନା ଏବଂ ଓଡ଼ିଆ ଅସ୍ମିତା ପାଇଁ ତାଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିଥିଲେ।

# ୩ ରେଳ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ସାଂସଦଙ୍କ ସମୀକ୍ଷା



ବାରିପଦା,୨୪।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ବହୁ ଆକାଂକ୍ଷିତ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢାମରା-ଚାକୁଳିଆ ଓ ବାଦମପାହାଡ-କେନ୍ଦୁଝର ଏହି ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ୨୦୨୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କରିଥିବାବେଳେ ଏଗୁଡିକର କାର୍ଯ୍ୟାନ୍ୱୟନକୁ ନେଇ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଏଥିରେ ଜିଲ୍ଲାପାଳଙ୍କ ସହ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହିଥିଲେ। ବୁଢାମରା-ଚାକୁଳିଆ ପ୍ରକଳ୍ପର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ୧୬.୨୦କିଲୋମିଟର ରାସ୍ତାର ସର୍ଭେ ସମାପ୍ତ ହୋଇସାରିଥିବା ବେଳେ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ ଏବଂ ଏଥିପାଇଁ ଭୂମି ଅଧିଗ୍ରହଣ ବିଭାଗ ପାଖକୁ ଅନୁଦାନ ରାଶି ମଧ୍ୟ ପହଞ୍ଚି ସାରିଛି। ଦ୍ୱିତୀୟ ପ୍ରକଳ୍ପ ବାଦାମପାହାଡ-କେନ୍ଦୁଝର ଦୂରତ୍ୱ ହେଉଛି ୪୭.୪୬କିଲୋମିଟର। ଏହି ପ୍ରକଳ୍ପର ସର୍ଭେ ରିପୋର୍ଟ ଅନୁଯାୟୀ ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଗୁଡିକ ଚିହ୍ନଟ ପ୍ରକ୍ରିୟା ସରିଛି। ଏଥିରେ ଯାହା ସମାସ୍ୟା ରହିଛି ଚଳିତ ସପ୍ତାହ ମଧ୍ୟରେ ତାର ସମାଧାନ ହୋଇଯିବ ଏବଂ ଏହାପରେ ତାର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଯିବ। ସେହିପରି ତୃତୀୟ ପ୍ରକଳ୍ପ ଟି ହେଲା ବାଙ୍ଗିରିପୋଷୀ-ଗୋରୁମହିଷାଣି ରେଳପଥ। ଏଥିରେ ଗୋରୁମହିଷାଣି, ବିଜାତୋଳା, ବିଶୋଇ ବ୍ଲକର ଏରିଆ ପର୍ଯ୍ୟନ୍ତ ସର୍ଭେ ସମାପ୍ତ ସରିଛି। ଏହି ପ୍ରକଳ୍ପଟି ଶିମିଳିପାଳ ଅଞ୍ଚଳ ଦେଇ ଯାଉଥିବାରୁ ଏଥିରେ ଜମି ଅଧିଗ୍ରହଣ ଏନଟିସିଏ ପକ୍ଷରୁ ପରମିସନ ପାଇବାରେ ବିଳମ୍ବ ହେଉଛି। ଖୁବଶୀଘ୍ର ଏହାର ମଧ୍ୟ ସମାଧାନ ସରିବ ଏବଂ ୩ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୨୪।୨(ସମିସ): ସୋମବାର ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ମଙ୍ଗଳବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଉକ୍ତ ଦୁଃଖଦ ଘଟଣା ଘଟିଯାଇଛି। ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଦମ୍ପତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଦମ୍ପତି ଦ୍ୱୟ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ କାଳିମାଟି ଗ୍ରାମର ସ୍ୱାମୀ ଲକ୍ଷ୍ମଣ ମାର୍ଣ୍ଡି ଓ ସ୍ତ୍ରୀ ମାନି ମାର୍ଣ୍ଡି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ତଦନ୍ତ ଜାରି ରହିଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହଳଦିବଣି ଗ୍ରାମ ନିକଟସ୍ଥ ଜୁହା ପାହାଡ଼ ଏକ ଗଛରେ ଦମ୍ପତିଙ୍କୁ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକମାନେ ଛେଳି ଚରାଇବାକୁ ଯାଇଥିବାବେଳେ ଦେଖିଥିଲେ। ଏ ନେଇ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହକୁ ଉଦ୍ଧାର କରିଥିଲେ। ଦମ୍ପତି ଗ୍ରାମରେ ରହୁଥିବାବେଳେ ତାଙ୍କର କେହି ସନ୍ତାନ ନ ଥିଲେ। ସେମାନେ ସ୍ୱଚ୍ଛଳ ଭାବେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସେ ଆତ୍ମହତ୍ୟା କରିଛନ୍ତି କିମ୍ବା କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାରେ ରୂପ ଦେଇଛି, ସେନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡିଛି।

# ବାରିପଦା ମହିଳା ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ



ବାରିପଦା, ୨୪।୨(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରି କହିଥିଲେ, ବାପା, ମାଆମାନେ କିଛି ନା କିଛି ସ୍ୱପ୍ନ ନେଇ ନିଜ ପିଲାମାନଙ୍କୁ ପାଠ ପଢ଼ାଇଥା'ନ୍ତି। ପିଲାମାନେ ମଧ୍ୟ ପାଠ ପଢି କୌଣସି ନା କୌଣସି ଚାକିରି ବା ବୃତ୍ତିରେ ଅବସ୍ଥାପିତ ହେବାକୁ ସ୍ୱପ୍ନ ଦେଖିଥା'ନ୍ତି। ତେବେ ସେମାନେ ପାଠପଢ଼ା ସମୟରେ ହେଉ ଅବା ପାଠପଢ଼ା ପରେ ହେଉ ଉପଯୁକ୍ତ ପରାମର୍ଶ ଅଭାବରୁ ବହୁ ମେଧାବୀ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିପାରନ୍ତିନାହିଁ। ଏଣୁ ଏହି ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଆମ ଛାତ୍ରୀମାନଙ୍କ ପାଇଁ ଖୁବ ଉପାଦେୟ ହେବ। ଭୁବନେଶ୍ୱର "ଟ୍ରାଇଡେଣ୍ଟ ଏକାଡେମୀ ଅଫ କ୍ରିଏଟିଭ ଟେକ୍ନୋଲୋଜି'ର ବାୟୋଟେକ୍ନୋଲୋଜି ତଥା ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ. ଅରୂପ ସରକାର ଓ ଡ. ସୋମନାଥ ଜେନା ଯୋଗଦେଇ ବାୟୋଟେକ୍ନୋଲୋଜି ପାଠ୍ୟକ୍ରମରେ ବୃତ୍ତି ଓ ଅନ୍ୟାନ୍ୟ ବୃତ୍ତି ସମ୍ପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବୃତ୍ତି ପରାମର୍ଶ ସେଲର ସଂଯୋଜିକା ତଥା ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଦେବପ୍ରିୟ ପରିଡା ସ୍ୱାଗତ ଭାଷଣ ଦେଇଥିଲାବେଳେ ସହସଂଯୋଜିକା ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ମନୀଷା ହେମ୍ବ୍ରମ୍ ଓ ଡ. ଦିନେଶ ନାୟକ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ବୃତ୍ତି ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏ ଅବସରରେ ଧାରଣୀୟ ବିକାଶ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

### କୁସଂସ୍କାର ବିରୋଧରେ ମୟୂରଭଞ୍ଜ ପୁଲିସର ଅଭିଯାନ

# ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସ ନିବାରଣ ପାଇଁ କର୍ମଶାଳା

ବାରିପଦା,୨୪।୨(ସମିସ):



ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ଓ ବୈଜ୍ଞାନିକ ମନୋଭାବ ଜାଗ୍ରତ କରିବା ପାଇଁ ମୟୂରଭଞ୍ଜ ପୁଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ପୁଲିସର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା ଭୁବନେଶ୍ୱରର ମାର୍ଗଦର୍ଶନରେ "ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସ ନିବାରଣ' ବିଷୟବସ୍ତୁକୁ ନେଇ ଏକ ରେଞ୍ଜ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସମାଜରେ ପ୍ରଚଳିତ ବିଭିନ୍ନ କୁସଂସ୍କାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁଲିସ ବିଭାଗ ପକ୍ଷରୁ କେତେକ ମୁଖ୍ୟ ଆହ୍ୱାନ ଦିଆଯାଇଛି।

ଏଥିରେ ଗୁଣିଗାରେଡ଼ି ଓ ତନ୍ତ୍ରମନ୍ତ୍ର ଭଳି କୁସଂସ୍କାରକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବାକୁ କୁହାଯାଇଛି। ସେହିପରି ଭଣ୍ଡ ବାବା, ତାନ୍ତ୍ରିକ ଓ କଳାଯାଦୁ ନାଁରେ ଠକୁଥିବା ବ୍ୟକ୍ତିଙ୍କ ବିଷୟରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଅନ୍ଧବିଶ୍ୱାସ ପରିବର୍ତ୍ତେ ବୈଜ୍ଞାନିକ ଚିନ୍ତାଧାରା ଓ ସଚେତନତାକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନ୍ଧବିଶ୍ୱାସ ଯୋଗୁଁ ନିରୀହ ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ପାଇଁ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯିବ। ପୁଲିସ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ସୋସିଆଲ ମିଡିଆର ସହାୟତା ନେଉଛି। ଜନସାଧାରଣ କୌଣସି ବି ଅଭିଯୋଗ ପାଇଁ ପୁଲିସର ଭଳି ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଯୋଗାଯୋଗ କରିପାରିବେ। 'ବିଜ୍ଞାନ ଉପରେ ବିଶ୍ୱାସ ରଖନ୍ତୁ, ଅନ୍ଧବିଶ୍ୱାସ ଉପରେ ନୁହେଁ' ଏହି ବାର୍ତ୍ତା ସହ ମୟୂରଭଞ୍ଜ ପୁଲିସ ନିରୀହ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛି।

ବାରିପଦା ସହରସ୍ଥ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ଡିଆଇଜି ମିନାକ ମିଶ୍ର ଯୋଗ ଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରିସର୍ଚ୍ଚ ପର୍ସନ ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ଏଡିଜେ ନମିତା ଦାଶ, ଅନ୍ତୋଦ୍ୟୋୟ ଚେତନା ମଣ୍ଡଳୀର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ, ଡିସିପିଓ ମମତାମୟୀ ବିଶ୍ୱାଳ, ସହକାରୀ ପ୍ରଫେସର ସୁଜୟ କୁଣ୍ଡୁ ଯୋଗ ଦେଇ ସଚେତନତା ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ, ଆକ୍ସନ ପ୍ଲାନ ପ୍ରସ୍ତୁତି ଓ ସାଇଣ୍ଟିଫିକ ଟେମ୍ପାରମେଣ୍ଟ ମାଧ୍ୟମରେ ଅନ୍ଧବିଶ୍ୱାସ ଜନିତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇନଗତ ପ୍ରାବଧାନ, ଆଇନଗତ ସୁବିଧା ସୁଯୋଗ ଇତ୍ୟାଦି ବିଷୟରେ ବିସ୍ତୃତ ଭାବରେ ସମସ୍ତେ କହିଥିଲେ। ପୁଲିସର ଭୂମିକା, ଆଇନ ଅନୁଯାୟୀ ବିଭିନ୍ନ ଧାରା, ଦଫା ଓ ସହାୟତା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହିଭଳି କୁସଂସ୍କାର ଓ ଅନ୍ଧବିଶ୍ୱାସର ପୃଷ୍ଠଭୂମି ଓ ଇତିହାସ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ଅତିରିକ୍ତ ଏସପି ଦିପକ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ପୁଲିସ ରେଞ୍ଜର ସମସ୍ତ ଥାନାଧିକାରୀ ଯୋଗଦେଇ ଥିଲେ। ତେବେ ଶିକ୍ଷା ଓ ସଚେତନତା ହିଁ ଅନ୍ଧବିଶ୍ୱାସ ଓ ଡାହାଣୀ ନାଁରେ ନିର୍ଯ୍ୟାତନା ଏବଂ ହିଂସାକୁ ରୋକାଯାଇପାରିବ ବୋଲି ସମସ୍ତଙ୍କ ମତ ପ୍ରକାଶ ପାଇଥିଲା।

# ଖଣ୍ଡିଆନାଳ ସାହିବାସିନ୍ଦାଙ୍କୁ ଚୁଆପାଣି ଭରସା

ତେଲକୋଇ, ୨୪।୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ତମାଙ୍ଗ ଗ୍ରାମର ଖଣ୍ଡିଆନାଳ ସାହିବାସିନ୍ଦା ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି। ସାହି ନିକଟରେ ଥିବା ଝରଣାରୁ ପାନୀୟଜଳ ସଂଗ୍ରହ କରି ଜୀବନ ବଞ୍ଚାଉଥିବା ବିକଳ ଚିତ୍ର ଦେଖିବାକୁ ମିଳିଛି। ଉକ୍ତ ସାହିରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଭୂୟାଁ ଜନଜାତି ବସବାସ କରୁଥିବା ବେଳେ ଶତାଧିକ ଲୋକ ରହିଛନ୍ତି। ମୁଖ୍ୟତଃ ଜୀବନ ବଞ୍ଚାଇବା ପାତ୍ର ବିଶୁଦ୍ଧ ପାନୀୟଜଳ ଟୋପେ ମିଳି ପାରୁ ନଥିବା ବେଳେ ବାଧହୋଇ ଝରଣାରୁ ଚୁଆ ଖୋଳି ପାନୀୟଜଳ ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି। ସେହିପରି ଅପରିଷ୍କାର ଥିବା ଝରଣା ଜଳରେ ଗାଧୋଉଥିବା ଯୋଗୁଁ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ସାହିର ଦୁଃଶାସନ ଦେହୁରୀ ଅଭିଯୋଗ କରିଛନ୍ତି। ତୁରନ୍ତ ପାନୀୟଜଳର ବ୍ୟବସ୍ଥା ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ ହେଁ ଅଦ୍ୟାବଧି କୌଣସି ସୁଫଳ ମିଳି ପାରିନାହିଁ। ଅନ୍ୟପକ୍ଷରେ ସାହିର ଅନତି ଦୂରରେ ଏକ ନଳକୂପ ଥିଲେ ମଧ୍ୟ ଦୂଷିତ ପାଣି ବାହାରୁଥିବାରୁ ବାଧହୋଇ ଝରଣାରୁ ପାନୀୟଜଳ ସଂଗ୍ରହ କରି ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲଗାଉଥିବା ସାହିର ବୀଣାପାଣି ଦେହୁରୀ, କୁନି ଦେହୁରୀ, ଚାଁଆଁର ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ପୂର୍ବରୁ ପଞ୍ଚାୟତ ପକ୍ଷରୁ ପାନୀୟଜଳ ଯୋଗାଇ ଦେବାକୁ ସାହି ବାସିନ୍ଦା ଦାବି କରିଛନ୍ତି।



# ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲେ ପୂର୍ବତନ ଛାତ୍ରୀ ଓ ସମାଜସେବୀ



ବାରିପଦା, ୨୪।୨(ସମିସ): ଓଡ଼ିଶା ସରକାରଙ୍କ ପଞ୍ଚସଖା ଶିକ୍ଷାସେତୁ ଯୋଜନା ଅନୁଯାୟୀ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ଓ ବଦାନ୍ୟ ବ୍ୟକ୍ତି ଯେତିକି ପରିମାଣର ଅର୍ଥ ଦାନ କରିବେ, ତା'ର ଦୁଇଗୁଣା ସରକାର ପ୍ରଦାନ କରିଥା'ନ୍ତି। ଏହି ଅର୍ଥରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ କରାଯାଇ ସାକାର କରାଯାଇପାରିବ। ଏହି ଧାରାରେ ତତ୍କାଳୀନ ସରକାରଙ୍କ "ମୋ ସ୍କୁଲ ଅଭିଯାନ" ଯୋଜନାରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁନ୍ଦର ବଗିଚା, ଛାତ୍ରଛାତ୍ରୀଙ୍କ ପାଇଁ ବେଞ୍ଚ ଡେସ୍କ, ୧ମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ ଟିଭି, ପାନୀୟଜଳ ବ୍ୟବସ୍ଥା, ପାଠାଗାର ନିର୍ମାଣ କରି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିପାରିଥିଲା। ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ପୂର୍ବତନ ଛାତ୍ର ସଞ୍ଜୟ ପଣ୍ଡା, ସନ୍ତୋଷ ପଟ୍ଟନାୟକ, ଶିକ୍ଷାବିତ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ, ସମାଜସେବୀ ସୁଜିତ ସାହୁଙ୍କ ଦାନ ପ୍ରଶଂସନୀୟ। ପୁଣିଥରେ ପଞ୍ଚସଖା ଶିକ୍ଷା ସେତୁ ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ସମାଜସେବୀ ତଥା ଦ୍ରୌପଦୀ ବସ୍ତ୍ରାଳୟର ମାଲିକ ସୁଜିତ ସାହୁ ୧ ଲକ୍ଷ ଟଙ୍କା, ବିଦ୍ୟାଳୟରେ ଥିବା ହଷ୍ଟେଲର ସାମୟିକ ଶିକ୍ଷୟିତ୍ରୀ ହରପ୍ରିୟା ବେହେରା ୫, ୮୪୧ ଟଙ୍କା, ପୂର୍ବତନ ଛାତ୍ରୀ ସୁଜାତା ବେହେରା ୧୦ ହଜାର ଟଙ୍କା ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସରକାରଙ୍କ ଅନୁମୋଦନ ପରେ ଯେଉଁ ରାଶି ମିଳିବ ସେଥିରେ ବିଦ୍ୟାଳୟ ପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ପ୍ରଧାନଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି।

# ଘସିପୁରା ପାଲାକାର ସଂଘର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୪।୨(ସମିସ): ସଂସ୍କୃତି ଭବନରେ ଘଷିପୁରା ବ୍ଲକ ପାଲାକାର ସଂଘର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପଦେଷ୍ଟା ପଣ୍ଡିତ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀ ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ନାୟିକା ମିଲି ମହାନ୍ତି, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ପାଲାକାର ସଂଘ ସଭାପତି ରମାକାନ୍ତ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, କାଉନସିଲର ଉର୍ବଶୀ ସାହୁ, ବିଜେପି ନେତା ସୁରେଶ ସାହୁ, ମୁଖ୍ୟବକ୍ତା ଡ଼ ପ୍ରଦୀପ ମହାନ୍ତି, ସଂସ୍କୃତି ସଂଘ ସଭାପତି ଧିରେନ ମହାନ୍ତି ଯୋଗ ଦେଇଥିଲେ। ଗାୟକ ମଧୁସୂଦନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଗାୟକ ସନାତନ ମହାରଣା, ନବଘନ ସାହୁ, ଚିନ୍ତାମଣି ପାଣିଗ୍ରାହୀ, ସୁଶାନ୍ତ ନାଥ, ବୈକୁଣ୍ଠନାଥ ଦାଶ, ଦୁଷ୍ମନ୍ତ ମହାନ୍ତି, ରଙ୍ଗାଧର ବେହେରା, ନବଘନ ପତି, ଗୋପାଳଚନ୍ଦ୍ର ଝୁନୁଲତା ଜେନା, ଶୁକଦେବ ରଣା ନବଘନ ସାହୁ, ସୁବାସଚନ୍ଦ୍ର ପଲେଇ, କମଳିନୀ ନାୟକ, ଜୟଦେବ ନାୟକ, ଗଣେଶ ମହାକୁଡ, ସୁବାଶିଷ ଶତପଥୀ, ଜ୍ୟୋତିପ୍ରକାଶ ସାହୁ, ସୁଶାନ୍ତ ଜେନା, ବାୟକ ପାଳିଆ ଯୋଗ ଦେଇଥିଲେ।

**● ପୁଣ୍ୟତିଥିରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି**

# 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା



ଭଦ୍ରକ,୨୪।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ସାହିତ୍ୟର ମହାନ କବି ଓ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଅମର ରଚୟିତା, ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଉପଲକ୍ଷେ ମଙ୍ଗଳବାର ଭଦ୍ରକ ସାଳନ୍ଦୀ ବାଇପାସ୍ ଛକରେ ସ୍ଥାପିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସଂସ୍କୃତି ବିଭାଗ ଅଧିକାରୀ ତନୁଜା ସିର୍କା, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ, ତ୍ୟାଗଭୂମି ମୁଖ୍ୟ ଅଜୟ କୁମାର ନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ଶତପଥୀ, ବରିଷ୍ଠ ନାଗରିକ ସଂଘର ମୁକ୍ତିକାନ୍ତ ମହାପାତ୍ର, ଆଦିକନ୍ଦ ନାୟକ, ବରିଷ୍ଠ ଆଇନଜୀବୀ ଶଶୀଭୂଷଣ ପଣ୍ଡା, ଗଦାଧର ବଳ, ବରିଷ୍ଠ ସାମ୍ବାଦିକ ଅଶୋକ ନାୟକ, ଆଇନଜୀବୀ ବିକାଶ ନାଥ, ଯୁବନେତା ସ୍ୱାଧୀନ ନାୟକ ପ୍ରମୁଖ ବିଭିନ୍ନ ସାହିତ୍ୟପ୍ରେମୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହି କାନ୍ତକବିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ ଯେ କାନ୍ତକବିଙ୍କ ଅମର ରଚନା 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା, ଏକତା ଓ ଦେଶପ୍ରେମର ପ୍ରତୀକ। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ିଙ୍କୁ ଦେଶ ଓ ରାଜ୍ୟ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଯୁବପିଢ଼ିମାନଙ୍କୁ କାନ୍ତକବିଙ୍କ ଜୀବନୀ ଓ ଆଦର୍ଶରୁ ପ୍ରେରିତ ହୋଇ ଦେଶର ନାମ ରକ୍ଷା କରିବା ପାଇଁ ବଦ୍ଧପରିକର ରହିବା ପାଇଁ ଜିଲ୍ଲାପାଳ କହିଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ କାନ୍ତକବିଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ, ସାହିତ୍ୟ ସାଧନା ଏବଂ ଓଡ଼ିଆ ଅସ୍ମିତା ପାଇଁ ତାଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିଥିଲେ।

# ୨ କୋଟିରୁ ଅଧିକ ଠକେଇ; ୫ ସାଇବର ଠକ ଗିରଫ

ଭଦ୍ରକ,୨୪।୨(ସମିସ): ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ୍ କରିଛି ଭଦ୍ରକ ଟାଉନ ପୁଲିସ। ଦୁଇଟି ପୃଥକ୍ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନେକ ଫ୍ରଡ୍ ଆକାଉଣ୍ଟକୁ ସିଜ୍ କରିଛି ପୁଲିସ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଜଣେ ଗ୍ରହକଙ୍କ ଆକାଉଣ୍ଟକୁ ପ୍ରାୟ ଦେଢ଼ କୋଟି ଟଙ୍କା ଆସିବା ଘଟଣାକୁ ସନ୍ଦେହ କରି ବ୍ୟାଙ୍କ ପରିଚାଳକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ବିଭିନ୍ନ ସାଇବର ଠକେଇ ଅର୍ଥ ଏହି ଆକାଉଣ୍ଟକୁ ଆସିଥିବା ଜାଣିବାକୁ ପାଇବା ସହିତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଔପଦା ଅଞ୍ଚଳର ଜବନ୍ଧୁ କେସି। ସେହିପରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଅନ୍ୟ ଏକ ମାମଲାରେ ପୁଲିସ ଅନ୍ୟ ୪ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା। ଗିରଫ ୪ଜଣଙ୍କ ମଧ୍ୟରୁ ୨ ଜଣ ଭଦ୍ରକ ଜିଲ୍ଲାର ଓ ୨ ଜଣ ବାଲେଶ୍ୱର ଜିଲ୍ଲାର ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ ୫ଟି ମୋବାଇଲ୍ ଫୋନ୍, ୫ଟି ଏଟିଏମ୍ କାର୍ଡ ଓ ଆଧାର କାର୍ଡ ଆଦିକୁ ଜବତ କରିଥିବା ଜଣାଯାଇଛି।

**୫ ବର୍ଷ ଧରି ବିଦ୍ୟାଳୟ ବନ୍ଦ**

# ହେଲାଣି ଭୂତକୋଠି; ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ରାସଗୋବିନ୍ଦପୁର,୨୪।୨(ସମିସ):

ଶିକ୍ଷା ମାନରେ ଉନ୍ନତି ଓ ପ୍ରଶାସନିକ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ୨୦୧୮ରେ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ

## ଅନ୍ୟ କାର୍ଯ୍ୟରେ ଲଗାଇବାକୁ ଦାବି

ପରିପ୍ରେକ୍ଷୀରେ ରାସଗୋବିନ୍ଦପୁର ବ୍ଲକରେ ୫ରୁ ଅଧିକ ବିଦ୍ୟାଳୟ ପାଞ୍ଚବର୍ଷରୁ ଅଧିକ ସମୟ ଧରି ବନ୍ଦ ପଡ଼ିରହିଛି। ଯାହା ଏବେ ଭୂତକୋଠିର ରୂପ ନେବାକୁ ବସିଲାଣି। ଖୁଣ୍ଟପାଳ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନଳକୁଁଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ବିଦ୍ୟାଳୟ ଗୃହର କବାଟ ଓ ଝରକା ଭାଙ୍ଗିଗଲାଣି। ଛାତରୁ ପ୍ଲାଷ୍ଟର ଖସି ପଡୁଛି ଓ ପରିସର ବଣବୁଦାରେ ଭର୍ତ୍ତି ହୋଇଯାଇଛି। ଅବ୍ୟବହୃତ ଅବସ୍ଥାରେ ଥିବା ଏହି ବିଦ୍ୟାଳୟ ଅସାମାଜିକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଚାଲିଛି। ସ୍ଥାନୀୟ ଗ୍ରାମବାସୀଙ୍କ ମତ ଅନୁସାରେ ଏଭଳି ଭାବେ ଆଉ କିଛି ବର୍ଷ ବନ୍ଦ ପଡ଼ି ରହିଲେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଭୁଶୁଡ଼ି ପଡିବ। ଯଦି ସମୟୋପଯୋଗୀ ଭାବେ ଏହାର ପୁନରୁଦ୍ଧାର କାର୍ଯ୍ୟ କରାଯାଏ, ତେବେ ଏହାକୁ ସଂଗ୍ରାହଳୟ ଗୃହ, ସିଆରସିସି କାର୍ଯ୍ୟାଳୟ, ସ୍ଥାନୀୟ ସମ୍ମିଳନୀ କକ୍ଷ କିମ୍ବା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ରୂପେ ବ୍ୟବହାର କରାଯାଇ ସାମାଜିକ ଓ ପ୍ରଶାସନିକ କାର୍ଯ୍ୟରେ ବ୍ୟବହୃତ କରାଯାଇପାରିବ।



ଏ ନେଇ ରାସଗୋବିନ୍ଦପୁର ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ପାଣଗ୍ରାହୀ, ଏବିଓ ବିଜୟ କୁମାର ବାରିକଙ୍କ ପ୍ରତିକ୍ରିୟା ନେବାରୁ ରାସଗୋବିନ୍ଦପୁର ବ୍ଲକରେ ୫ରୁ ଅଧିକ ଏଭଳି ବିଦ୍ୟାଳୟ ରହିଛି। ଏ ସମ୍ବନ୍ଧୀୟ ଶେଷ ନିଷ୍ପତ୍ତି ଉଚ୍ଚ କର୍ତ୍ତୃପକ୍ଷ ନେବେ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଇବେ। ଏହି ବିଦ୍ୟାଳୟଗୁଡ଼ିକୁ ଜଡ଼ିତ ହୋଇଥିବା ବିଦ୍ୟାଳୟ କାର୍ଯ୍ୟରେ ବ୍ୟବହାର କରିପାରିବେ ନଚେତ୍ ଏଭଳି ବନ୍ଦ ଅବସ୍ଥାରେ ରହିବ ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏପରି ଅବହେଳିତ ହୋଇ ବିଦ୍ୟାଳୟଗୁଡ଼ିକ ପଡିରହିଥିବାରୁ ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି। ତେଣୁ ଶୀଘ୍ର ପୁନର୍ବିଚାର କରି ଏହି ଗୃହଗୁଡ଼ିକୁ ଲୋକହିତରେ ବ୍ୟବହାରଯୋଗ୍ୟ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

